# ପାତ୍ରପୁଟ, ତେନ୍ତୁଳିଖୁଣ୍ଟିରେ ଖୋଲିବ ଯୁକ୍ତ ୨ ପାଠ୍ୟକ୍ରମ

- ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ବୈଠକ
- ବିଭିନ୍ନ ବିଭାଗ କାର୍ଯ୍ୟକୁ ନେଇ ଆଲୋଚନା

ତେନ୍ତୁଳିଖୁଣ୍ଟି, ୧୫।୯(ଚିଦାନନ୍ଦ ସାହୁ)


ବୈଠକରେ ଏମ୍‌ପି, ବିଧାୟକଙ୍କ ସହ ବିଭାଗୀୟ ଅଧିକାରୀ, ଲୋକ ପ୍ରତିନିଧିମାନେ।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏମ୍‌ପି ରମେଶ ମାଝି ଓ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ଉପସ୍ଥିତିରେ ସମିତି ବୈଠକ କରାଯାଇଛି। ବୈଠକ ଆରମ୍ଭରୁ ସରପଞ୍ଚଙ୍କ ଅନୁପସ୍ଥିତକୁ ନେଇ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଗ୍ରାମ ପଞ୍ଚାୟତ ଅଧିକାରୀ ମଣ୍ଟୁ ସ୍ୱାଇଁ ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ । ସମିତି ସଭ୍ୟ ଦେଇଥିବା ଉନ୍ନୟନ ପ୍ରକଳ୍ପ ବିବରଣୀରେ ସ୍ଥାନ ପାଇ ନ ଥିବାରୁ ଅନେକ ସଭ୍ୟ କ୍ଷୋଭ ପ୍ରକାଶ କରିଥିଲେ।

ମଞ୍ଚାଗାଁ ପଞ୍ଚାୟତରେ ଥିବା ଜଳଭଣ୍ଡାର ଅପରପାର୍ଶ୍ୱରେ ବିଦ୍ୟାଳୟ ଗୃହ ଓ ରାସ୍ତା ବିଷୟରେ ଏମ୍‌ପି ପଚାରିଥିଲେ। ଟିଣଘରେ ବିଦ୍ୟାଳୟ ଚାଲିଛି । ନୂତନ କୋଠା ପାଇଁ ବ୍ୟବସ୍ଥା କରାଯାଉଥିବା ବିଡିଓ ମନୋଜ ପାଣିଗ୍ରାହୀ ଉତ୍ତର ରଖିଥିଲେ। ମଞ୍ଚାଗାଁ ସମିତି ସଭ୍ୟା ପ୍ରଭାତୀ କନ୍ଧ ସ୍ୱଚ୍ଛ ଭାରତ ମିଶନ ଆଲୋଚନାକୁ କେନ୍ଦ୍ରକରି ସମ୍ମିଳନୀ କକ୍ଷରେ ଟଏଲେଟ୍ ଅବ୍ୟବସ୍ଥାକୁ ନେଇ ପ୍ରଶ୍ନ କରିଥିଲେ। ସପ୍ତାହ ମଧ୍ୟରେ ସମାଧାନ କରିବାକୁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଝରିଗୁମ୍ମା ସ୍କୁଲରୁ ପଞ୍ଚାୟତ ଅଫିସ ପର୍ଯ୍ୟନ୍ତ ଏବଂ ମୁଷାମୁଣ୍ଡିଗୁଡ଼ା ରାସ୍ତାର ଠିକାଦାରମାନେ ପାଇପ୍ ପକାଇବାକୁ ଖୋଳିଦେଇ ତାହାର ମରାମତି ଠିକ୍‌ଭାବେ କରୁନାହାନ୍ତି। ଏହାକୁ ନେଇ ଏମ୍‌ପି, ବିଧାୟକ ବିଭାଗୀୟ ଅଧିକାରୀଙ୍କ ଉପରେ ବିଗିଡିଥିଲେ। ଯେଉଁ ବୃଦ୍ଧାବୃଦ୍ଧ ଭତ୍ତା ଟଙ୍କା ପାଇଁ ବ୍ୟାଙ୍କ ଯାଇପାରୁନାହାନ୍ତି ସେମାନଙ୍କ ନିମନ୍ତେ ବିକଳ୍ପ ବ୍ୟବସ୍ଥା କରିବାକୁ ରବୀନ୍ଦ୍ର ସାହୁ ମତ ଦେଇଥିଲେ।

ତେନ୍ତୁଳିଖୁଣ୍ଟିରେ ଶବ ବ୍ୟବଚ୍ଛେଦ ଗୃହ ପାଇଁ ଏମ୍‌ପି ମାଝି ସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ପାନୀୟ ଜଳ ଯୋଗାଣ ବିଭାଗକୁ ବିଭିନ୍ନ ପ୍ରସଙ୍ଗରେ ଲୋକ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ବୁଲେଇ ବଙ୍କେଇ ଉତ୍ତର ରଖିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସୋଲାର ଜଳ ଯୋଗାଣ ପ୍ରକଳ୍ପ ଅନେକ ଜାଗାରେ ଖରାପ ହୋଇଥିବା ବେଳେ ଏହାର ମରାମତି ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। କୃଷି, ସମବାୟ ବିଭାଗ କାଯ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବ୍ଲକର ପାତ୍ରପୁଟ ଓ ତେନ୍ତୁଳିଖୁଣ୍ଟିରେ ଆସନ୍ତା ଶିକ୍ଷାବର୍ଷରେ ଯୁକ୍ତ ୨ ଖୋଲିବ ବୋଲି ବିଧାୟକ ପ୍ରଧାନୀ ଘୋଷଣା କରିଥିଲେ। ଭତ୍ତା ଚୟନ ଓ ରାଶନକାର୍ଡ କ୍ଷେତ୍ରରେ ଆଧାରକାର୍ଡ ପାଇଁ ହିତାଧିକାରୀ ହକ୍ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ପାତ୍ରପୁଟ ସମିତି ସଭ୍ୟ ଦିଲୀପ ପ୍ରଧାନୀ ପ୍ରଶ୍ନ କରିଥିଲେ। ଅମୃତ ସରୋବର ଓ ଗ୍ରାମ୍ୟ ପାର୍କ ପ୍ରସଙ୍ଗରେ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଅବଗତ ନ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ବେହେରା କହିଥିଲେ। ଗୌଡ଼ ଦେଓପାଲି ସମିତି ସଭ୍ୟ ସୁଧୀର ଖୁରା, ମଞ୍ଚାଗାଁ ସମିତି ସଭ୍ୟା ପ୍ରଭାତୀ କନ୍ଧ, କଣ୍ଟାଗାଁ ସମିତି ସଭ୍ୟ ଡମ୍ବରୁ ଭତ୍ରା, ତେନ୍ତୁଳିଖୁଣ୍ଟି ସମିତି ସଭ୍ୟା ଗୀତାଞ୍ଜଳି ପାଣିଗ୍ରାହୀ ବିଭାଗୀୟ ଅଧିକାରୀମାନଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ।

ବୈଠକରେ ଏବିଡିଓ କୃପାସିନ୍ଧୁ ନାୟକ, ବ୍ଲକ ଅଧକ୍ଷା ନୀଲେନ୍ଦ୍ରୀ ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଜିଲା ପରିଷଦ ସଭ୍ୟା କ୍ରିଷ୍ଣା ମଞ୍ଜରୀ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ କାମରେ ନିୟମ ବିରୋଧ ଅଭିଯୋଗରେ ସିଡିପିଓଙ୍କ ବଦଳି

ନବରଙ୍ଗପୁର,୧୫।୯(ସଦାଶିବ ପ୍ରହରାଜ)

**ଏସ୍‌ଏଚ୍‌ଜି ମହିଳାଙ୍କୁ ୱାର୍କ ଅର୍ଡର ଦେବାକୁ ଘରକୁ ଡାକୁଥିବା ଅଡିଓ ଭାଇରାଲ**

ସରକାରୀ କାମରେ ନିୟମ ଉଲ୍ଲଂଘନ ଅଭିଯୋଗରେ ନବରଙ୍ଗପୁର ସିଡିପିଓଙ୍କୁ ବଦଳି କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ଉପଶାସନ ସଚିବ ୧୪ ତାରିଖରେ ଚିଠି ନମ୍ବର ୨୦୫୦୧ରେ ସିଡିପିଓ କାଞ୍ଚନ ପଣ୍ଡାଙ୍କୁ ନବରଙ୍ଗପୁରରୁ ଦେବଗଡ଼ ଜିଲା ତିଲେଇବାଣୀକୁ ବଦଳି କରିଛନ୍ତି।

ଅଙ୍ଗନୱାଡି ପିଲାଙ୍କ ପାଇଁ ପୋଷାକ ଯୋଗାଇଦେବା ଦାୟିତ୍ୱ ସରକାର ଏସ୍‌ଏଚ୍‌ଜିଙ୍କୁ ଦେଇଛନ୍ତି। ସରକାରୀ ବ୍ୟବସ୍ଥା ଭିତରେ ଆଲୋଚନା ସରକାରୀ କାର୍ଯ୍ୟାଳୟରେ ହେବା କଥା। କିନ୍ତୁ ନବରଙ୍ଗପୁର ସିଡିପିଓ ଏସ୍‌ଏଚ୍‌ଜି ମହିଳାଙ୍କୁ ଘରକୁ ଡକିବା, ଘରେ ଆଲୋଚନା ପରେ ୱାର୍କ ଅର୍ଡର ଦୋବକୁ କହୁଥିବା ଅଡିଓ ଭାଇରାଲ ହୋଇଥିଲା। ସାମାଜିକ କର୍ମୀ ବିଭୂତି ପ୍ରସାଦ ପଣ୍ଡା ୫-ଟି ସଚିବଙ୍କୁ ଟୁଇଟ ମାଧ୍ୟମରେ ଘଟଣା ସମ୍ପର୍କରେ ଜଣାଇଥିଲେ। ନବରଙ୍ଗପୁର ଜିଲାପାଳ ମଧ୍ୟ ବିଭିନ୍ନ ସୂତ୍ରରୁ ଏହି ଖବର ପାଇବା ପରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତ ଘଟଣାର ତଦନ୍ତ ପରେ ସିଡିପିଓଙ୍କୁ ବଦଳି କରାଯାଇଥିବା ଜଣାପଡ଼ିଛି।

ସିଡିପିଓ ଏବଂ ଏସ୍‌ଏଚ୍‌ଜି ମହିଳାଙ୍କ ମଧ୍ୟରେ କଥାବାର୍ତ୍ତାର ୩ଟି ଅଡିଓ ଭାଇରାଲ ହୋଇଥିଲା। ପ୍ରଥମ ଅଡିଓରେ ଜଣେ ସଂଘ ସଭାପତିଙ୍କୁ ସକାଳ ସାଢ଼େ ୮ଟାରେ ଘରକୁ ଆସ, କରିବ ନ କରିବ ସେ କଥା ହେବା ପରେ ୱାର୍କ ଅର୍ଡର ମିଳିବ ବୋଲି କହୁଥିବା ଜଣାପଡ଼ିଛି। ଦ୍ୱିତୀୟ କଲ୍ ରେକର୍ଡରେ ସିଡିପିଓ ଏସ୍‌ଏଚ୍‌ଜି ମହିଳାଙ୍କୁ ତୁମମାନଙ୍କର ରେସ୍‌ପଣ୍ଡ ନାହିଁ। କାଲିକି ଆସିବୁ ବୋଲି ଏସ୍‌ଏଚ୍‌ଜି ମହିଳାମାନେ କହୁଥିବା ଜଣାପଡ଼ିଛି। ତୃତୀୟ ରେକର୍ଡିଂରେ ସିଡିପିଓ ଏସ୍‌ଏଚ୍‌ଜି ମହିଳାଙ୍କୁ କଲ୍ ରେକର୍ଡ କରୁଛ କି ବୋଲି ପଚାରିଛନ୍ତି। ଏଥିସହ କାଲିକି ସାଢ଼େ ୮ଟାରେ ରେଡି ହୋଇଥାଅ ସାର୍ ଯିବେ କଥା ହେବେ। ତା'ପରେ ୱାର୍କ ଅର୍ଡର ନେବ ବୋଲି କହିଛନ୍ତି। ପରେ ସେହି ଫୋନ୍‌ରେ ସାର୍ କଥା ହୋଇଥିବା ଭାଇରାଲ ଅଡିଓରେ ରହିଛି। ତେବେ ସିଡିପିଓଙ୍କ ସହ ସାର୍ ଜଣକ କିଏ ତାହାର ତଦନ୍ତ ଦାବି ହୋଇଛି। ବଦଳି ପରେ ଲକ୍ଷାଧିକ ଟଙ୍କାର ପୁରୁଣା ବକେୟା ଓ ଅନ୍ୟ କିଛି ଭାଉଚରର ତୁରନ୍ତ ବିଲ୍ କରି ଉଠାଇବାକୁ ମସୁଧା ଆରମ୍ଭ ହୋଇଥିବା ଅଭିଯୋଗ ହେଉଛି। ଏହାର ମଧ୍ୟ ତଦନ୍ତ କରିବାକୁ ଦାବି ହେଉଛି। ଏହି ଘଟଣାରେ ସିଡିପିଓ କାଞ୍ଚନ ପଣ୍ଡା କହିଛନ୍ତି, ସେ ଲୋକାଲ ଲୋକ, ତାଙ୍କୁ କାହିଁକି ହଇରାଣ କରାଯାଉଛି। କଲ୍ ରେକର୍ଡରେ ପୁରୁଷ ଲୋକଙ୍କ ଶବ୍ଦ ରହୁଛି । ସେ କିଏ ବୋଲି ପ୍ରଶ୍ନ କରିବାରୁ ଜାଣି ନାହାନ୍ତି ବୋଲି କହିଛନ୍ତି। ଏସ୍‌ଏଚ୍‌ଜି ମହିଳାଙ୍କ ସହିତ କଥା ହୋଇଥିବା ସେ ସ୍ୱୀକାର କରିଛନ୍ତି। ଯାହା ଟଙ୍କା ପାଇବେ ଗୋଷ୍ଠୀ ମହିଳାମାନେ ପାଇବେ। ସେଥିରେ ତାଙ୍କର ସମ୍ପୃକ୍ତି ନାହିଁ ବୋଲି ସେ କହିଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ବୁଝିଲେ ଏସ୍‌ଡିସି ଉପଦେଷ୍ଟା

ଝରିଗାଁ,୧୫।୯(କିଶୋର ଚନ୍ଦ୍ର ମଣ୍ଡଳ)


ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟାଧିକାରୀଙ୍କ ସହ ପ୍ରଦୀପ ମାଝି ଆଲୋଚନା କରୁଛନ୍ତି।

ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି) ଉପଦେଷ୍ଟା ତଥା ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଶୁକ୍ରବାର ଝରିଗାଁ ବ୍ଲକ ଗସ୍ତରେ ଆସିଛନ୍ତି। ସେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରୋଗୀଙ୍କ ସହ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଡାକ୍ତରଖାନା ପରିସର ବୁଲି ଦେଖିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପ୍ରକାଶ ଚନ୍ଦ୍ର ନାୟକ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ରୋଗୀ ପ୍ରତୀକ୍ଷାଳୟ ଗୃହରେ ସ୍ୱାସ୍ଥ୍ୟ ସୂଚନା ନେଇ ଏଲ୍‌ଇଡି ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ, ରୋଗୀ ଓ ସମ୍ପର୍କୀୟଙ୍କ ହିତ ପାଇଁ ହାଇମାସ୍କ ଲାଇଟ, ପୁରୁଷ ଓ ମହିଳା ୱାର୍ଡରେ ରୋଗୀଙ୍କ ସୁବିଧା ପାଇଁ ଏସି ବ୍ୟବସ୍ଥା କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କହିଥିଲେ। ଏଥିସହ ଔଷଧ ଗଚ୍ଛିତ ଗୃହ ଛୋଟ ଥିବାରୁ ବ୍ଲକର ୩୪ ସବ୍‌ସେଣ୍ଟର ଔଷଧ ରଖିବା ପାଇଁ ସମସ୍ୟା ହେଉଛି। ତେଣୁ ଔଷଧ ଗଚ୍ଛିତ ପାଇଁ ଏକ ବଡ଼ ଗୃହ, ଆବଶ୍ୟକ ଅନୁଯାୟୀ ବିଶେଷଜ୍ଞ ଡାକ୍ତର ଅଭାବ ଥିବାନେଇ କୁହାଯାଇଛି। ପ୍ରଶାସନ ସହ ଆଲୋଚନାକରି ପର୍ଯ୍ୟାୟକ୍ରମେ ସମସ୍ତ ସୁବିଧା ଯୋଗାଇଦେବାକୁ ପ୍ରଦୀପ ମାଝି ପ୍ରତିଶ୍ରୁତି ଦେଇଥିଲେ। ତାଙ୍କର ଏହି ଗସ୍ତବେଳେ ଉଦୟ ନାୟକ, ଦେବଜ୍ୟୋତି ପଟ୍ଟନାୟକ, ଏମ୍‌ଡି ଗଫୁର, ପ୍ରଫୁଲ୍ଲ ପାଣ୍ଡେ, ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କ୍ରବ ଟାଇଫସ ଜୀବାଣୁ ସମ୍ପର୍କରେ ସଚେତନ ଦାବି



ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର ଦାବିପତ୍ର ଗ୍ରହଣ କରୁଛନ୍ତି।

ନବରଙ୍ଗପୁର,୧୫।୯(ସଦାଶିବ ପ୍ରହରାଜ)

**ଜିଲାପାଳଙ୍କୁ କଂଗ୍ରେସର ଦାବିପତ୍ର**

ମାରାତ୍ମକ ସ୍କ୍ରବ ଟାଇଫସ ଜୀବାଣୁ ବ୍ୟାପିବାରେ ଲାଗିଛି। ଉକ୍ତ ଜୀବାଣୁ ଏବେ ଲୋକଙ୍କ ଜୀବନ ନେବାରେ ଲାଗିଛି। ଏହାର ପ୍ରତିକାର ପାଇଁ ଜିଲା ପ୍ରଶାସନ ପାଖରେ ନବରଙ୍ଗପୁର ଜିଲା କଂଗ୍ରେସ କମିଟି ଦାବି କରିଛି। ଜିଲାପାଳ କମଳ ଲୋଚନ ମିଶ୍ରଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର ଦିଆଯାଇଛି। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲାର ୧୮୯ ପଞ୍ଚାୟତରେ ସଚେତନତା ପାଇଁ ଫ୍ଲେକ୍ସ ଲାଗଇବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ପ୍ରତ୍ୟେକ ବିଦ୍ୟାଳୟରେ ପାଚିକା ଓ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ସହ ଆବଶ୍ୟକ ପଡିଲେ ଶ୍ରମିକଙ୍କୁ ଦୈନିକ ମଜୁରୀ ଦେଇ ବିଦ୍ୟାଳୟ ଆଗରେ ଜମୁଥିବା ପାଣିକୁ ସଡ଼ା କରିବାକୁ ଡିଇଓ ନିର୍ଦ୍ଦେଶ ଦେବା, ଯୁଦ୍ଧକାଳୀନ ଭିତ୍ତିରେ ଉମରକୋଟ ଓ ନବରଙ୍ଗପୁରରେ ନାଳ ସଫେଇ କରିବା, ସ୍ୱଚ୍ଛ ଭାରତ ଯୋଜନା ପ୍ରଚାର ଗାଡ଼ିରେ ସହର ଓ ଗ୍ରାମାଞ୍ଚଳରେ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନତା କରାଯିବାକୁ ଦାବି କରାଯାଇଛି।

ଜିଲା ମୁଖ୍ୟ ସ୍ୱାସ୍ଥ୍ୟାଧିକାରୀ ଆପଦକାଳୀନ କଣ୍ଟ୍ରୋଲ ରୁମ କରି ସ୍ୱତନ୍ତ୍ର ଟୋଲ ଫ୍ରି ନମ୍ବର ଜାରି କରିବା, ଜରୁରୀ ବିପର୍ଯ୍ୟୟ ପାଣ୍ଠିରୁ ବ୍ଲିଚିଂ ଓ ଫିନାଇଲ ଦେବାକୁ ଦାବି ହୋଇଛି। ବର୍ଷାରେ ସ୍କ୍ରବ ଟାଇଫସର ଅଣ୍ଡା ଦିଆ ସରିଥିବ। ଖରାରେ ପାଣି ଛାଡ଼ିଗଲା ପରେ ଲକ୍ଷାଧିକ ସଂଖ୍ୟାରେ ଜନ୍ମ ହୋଇ ରାସ୍ତାକୁ ଆସିବେ। ତୁରନ୍ତ ଏହାକୁ ପ୍ରତିକାର କରା ନ ଗଲେ ବରଗଡ଼ ଭଳି ଅବସ୍ଥା ହେବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ହୋଟେଲ ଓ ଜଳଖିଆ ଦୋକାନରେ ସ୍ୱାସ୍ଥ୍ୟ ପରିଦର୍ଶକ ବୁଲି ପ୍ରତିକାର ଓ ସଚେତନ ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କଂଗ୍ରେସର ଜିଲା ସଭାପତି ମୁନା ତ୍ରିପାଠୀ, ସରପଞ୍ଚ ଦିବାକର ପୂଜାରୀ, କୁସିଆ ମାଝି, ପରି ସାହୁ, ଅବଦୁଲ ଫିରୋଜ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାରେ ସ୍କ୍ରବ ଟାଇଫସ ରୋଗୀ ନାହାନ୍ତି: ସିଡିଏମ୍‌ଓ

ନବରଙ୍ଗପୁର,୧୫।୯(ସଦାଶିବ ପ୍ରହରାଜ)

ସ୍କ୍ରବ ଟାଇଫସ ଏବେ ସମସ୍ତଙ୍କ ଚିନ୍ତା ବଢ଼ାଇଛି। ତେବେ ନବରଙ୍ଗପୁରରେ ଏବେ ସ୍କବ ଟାଇଫସ ରୋଗୀ ନ ଥିବା ସିଡିଏମ୍‌ଓ କାଳୀ ପ୍ରସାଦ ବେହେରା କହିଛନ୍ତି। ୨୦୨୩ରେ ୧୬୧ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଫେବୃଆରୀ ମାସରେ ୧୧ ଜଣ ଓ ମେ ମାସରେ ଜଣେ ପଜିଟିଭ ଥିବା ଜଣା ପଡ଼ିଥିଲା। ଏନେଇ ସମସ୍ତ ଆକ୍ରାନ୍ତଙ୍କୁ ତୁରନ୍ତ ଚିକିତ୍ସା କରାଯାଇଥିଲା। ବର୍ତ୍ତମାନ କୌଣସି ପଜିଟିଭ କେସ ଆସିନାହିଁ ବୋଲି ସେ କହିଛନ୍ତି। ପୂର୍ବରୁ ୨୦୨୨ରେ କେତେଜଣ ଲୋକଙ୍କ ଆଣ୍ଠୁଗଣ୍ଠି ବ୍ୟଥା ଓ ଜ୍ୱର ହେବାପରେ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ସେଥିରେ ଝରିଗାଁ ବ୍ଲକ ଭିକ୍ଷା ଗାଁରୁ ଜଣଙ୍କ ପଜିଟିଭ ବାହାରିଥିଲା। ପରବର୍ତ୍ତୀ ସମୟରେ ଜିଲାର ୨୫୭ ଜଣଙ୍କ ରକ୍ତ ନମୁନା ନିଆଯିବା ପରେ ୫ ଜଣଙ୍କ ପଜିଟିଭ ଆସିବା ପରେ ତୁରନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ଜିଲା ସଦର ମହକୁମା ଡାକ୍ତରଖାନାରେ ଡିପିଏଚଏଲ ଠାରେ ଏଲିସା ମାଧ୍ୟମରେ ରକ୍ତ ନମୁନା ପରୀକ୍ଷା ସୁବିଧାରହିଛି ବୋଲି କହିଛନ୍ତି। ଶୁକ୍ରବାର କଂଗ୍ରେସ ପକ୍ଷରୁ ସ୍କବ ଟାଇଫସ ସମ୍ପର୍କରେ ସଚେତନ କରିବାକୁ ଜିଲା ପ୍ରଶାସନକୁ ଦାବି କରାଯାଇଛି। ଏ ନେଇ ସିଡିଏମ୍‌ଓଙ୍କୁ ପଚାରିବାରୁ କଂଗ୍ରେସ ପକ୍ଷରୁ ଯେଉଁ ଦାବି ଦାବିଯାଇଛି ତାହାକୁ ଗୁରୁତ୍ୱ ଦିଆଯିବ।ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ସଚେତନତା ପାଇଁ ବ୍ୟାନର ଲଗାଯିବ। ଏହାସହ ଜିଲା ସଦର ମହକୁମାରେ ଏକ କଣ୍ଟ୍ରୋଲରୁମ କରାଯିବ ବୋଲି ସେ କହିଛନ୍ତି ।

# କ୍ଷେତ୍ର ପରିଦର୍ଶନ କଲେ ତହସିଲଦାର

ଗୁଡ଼ାରି,୧୫।୯(ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍ ମଧୁବନ ଗ୍ରାମପଞ୍ଚାୟତର ବେତୁଗାଁରେ ବସ୍ତି ପଟ୍ଟା ପ୍ରଦାନ ନିମନ୍ତେ ଶୁକ୍ରବାର ଗୁଡ଼ାରି ତହସିଲଦାର ଭାରତୀ ଦେବୀ କ୍ଷେତ୍ର ପରିଦର୍ଶନ କରିଛନ୍ତି । ସୂଚନା ଅନୁଯାୟୀ ଏହି ଗାଁର ୨୩ଟି ପରିବାର ବସ୍ତି ପଟ୍ଟା ପ୍ରଦାନ ନିମନ୍ତେ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଶୁକ୍ରବାର ତହସିଲଦାର ଭାରତୀ ଦେବୀଙ୍କ ନେତୃତ୍ୱରେ ଏକ ଟିମ୍ ବେତୁଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ପରେ ୨୩ ପରିବାର ମଧ୍ୟରୁ ୨୨ ପରିବାରକୁ ଯୋଗ୍ୟ ବିବେଚିତ କରିଥିଲେ। ଖୁବ୍‌ଶୀଘ୍ର ଏହି ୨୨ ପରିବାରକୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯିବ ବୋଲି ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ତହସିଲଦାରଙ୍କ ସମେତ ସୁପରଭାଇଜର ପତିତପାବନ ରଥ, ଗୁଡ଼ାରି ରାଜସ୍ୱ ନିରୀକ୍ଷକ ଦେବେନ୍ଦ୍ର ହିମିରିକା, ଢେପାଗୁଡା ରାଜସ୍ୱ ନିରୀକ୍ଷକ ପ୍ରସାଦ ନିମାଲୁ ଏବଂ ତହସିଲ କାର୍ଯ୍ୟାଳୟ କର୍ମଚାରୀ ସୁନୀଲ ପାଣିଗ୍ରାହୀ ଉପସ୍ଥିତ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
ACCOUNTANT (Talley)
DATA ENTRY OPERATOR
(Talley & MS Office)
Attend Interview at
NISHAMANI PALACE
Bomikhal, Bhubaneswar-10
On any day.
Ph.No. 7978586205 / 9338554697

ASRIBADA PANCHAKARMA
HERBAL SPA
Female therapist required
Kesarimall, Bhubaneswar
Contact:8926173473

VACANCY
OM Surgical and Chemicals
needs Accountants having knowledge of Tally and Accounting Software, GST returns filling, compliances and minimum requirement of Income Tax. (Salary negotiable).
Send CV at omsurgical@yahoo.co.in
Mob. No.: 9437014935

ସିକ୍ୟୁରିଟି ଗାର୍ଡ଼ ଆବଶ୍ୟକ
ସିକ୍ୟୁରିଟି ଗାର୍ଡ଼ର ବଡ଼ ଧରଣର ନିଯୁକ୍ତି
ଓଡ଼ିଶାର ସବୁ ଜିଲ୍ଲାରେ ନିଯୁକ୍ତି
ଦରମା : ୧୨୦୦୦/- ରୁ ୧୮,୦୦୦/-
ରହିବା ପାଇଁ ଘର, ଖାଇବା ମେସ୍
Real King Security Service
8984433623

# ଡିଏଲ୍‌ଏସ୍‌ଏର ଆଇନ ସଚେତନତା ଶିବିର

ନବରଙ୍ଗପୁର, ୧୫।୯ (ସଦାଶିବ ପ୍ରହରାଜ)



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ଜିଲା କୋର୍ଟ ପରିସରରେ ମହିଳା ଆଇନଜୀବି ଏବଂ ଜିଲା କୋର୍ଟ କର୍ମଚାରୀଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯ୍ୟାତନା (ପ୍ରତିରୋଧ, ନିଷେଦ୍ଧ) ଦିଗରେ ଥିବା ବିଭିନ୍ନ ଆଇନ ସମ୍ପର୍କରେ ସେ ବୁଝାଇଥିଲେ। ପରିବାର ବିଚାରବିଭାଗୀୟ ଜଜ୍ ଡକ୍ଟର ମୁନରାନୀ ମିଶ୍ର, ଅତିରିକ୍ତ ଜିଲା ଜଜ୍ (ପୋକ୍‌ସୋ) ପ୍ରଣତୀ ସାହା, ଅତିରିକ୍ତ ଜିଲା ଜଜ୍ ଶିବ ପ୍ରସାଦ ମିଶ୍ର, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଜନକ ରାଉତ, ବରିଷ୍ଠ ଦେୱାନୀ ଜଜ୍ ରାଜୀବ ଲୋଚନ ସାହୁ ଓ ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ପ୍ରଜ୍ଞା ପଣ୍ଡା ଉପସ୍ଥିତ ରହି ସଚେତନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଜନକ ରାଉତ ଏହି ତାଲିମ ଶିବିରର ପରିଚାଳନା କରିଥିଲେ।

# ଆସୁଛି ଗଣେଶପୂଜା, ଜମୁଛି ମୂର୍ତ୍ତି ବେପାର

ଡାବୁଗାଁ, ୧୫।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

- ମୂର୍ତ୍ତି ତିଆରିକରି ରୋଜଗାରକ୍ଷମ ହୋଇଛନ୍ତି ତିରୁପତି
- ଚଳିତ ଗଣେଶପୂଜାରେ ତିଆରି କରିଛନ୍ତି ୩ଶହ ମୂର୍ତ୍ତି

ଓଡ଼ିଶାରେ ୧୨ମାସରେ ୧୩ ପର୍ବ ପାଳନ ହୁଏ। ଏଥିରେ ଅନେକ ଦେବଦେବୀଙ୍କ ଉପାସନା କରାଯାଏ। ଯେଉଁଥିପାଇଁ କି ଅନେକ ସମୟରେ ବିଭିନ୍ନ ଦେବଦେବୀ ପ୍ରତିମା ତଥା ମୂର୍ତ୍ତିଙ୍କ ଆବଶ୍ୟକ ପଡ଼ିଥାଏ। ଅନେକ ମୂର୍ତ୍ତିକାର ତଥା ଚିତ୍ରଶିଳ୍ପୀ ବର୍ଷ ତମାମ ବିଭିନ୍ନ

ଦେବଦେବୀଙ୍କ ମୂର୍ତ୍ତି ତିଆରିକରି ବେଶ୍ ଦୁଇପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏମିତି ଜଣେ ମୂର୍ତ୍ତିକାର ହେଉଛନ୍ତି ଡାବୁଗାଁର ତିରୁପତି ଜେନା। ସେ ବର୍ଷର ବାରମାସ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ତିଆରି ଓ ବିକ୍ରିକରି ବେଶ୍ ଦୁଇପଇସା ରୋଜଗାର କରି ପରିବାର ଚଳାନ୍ତି।


ତିରୁପତି ତିଆରି କରିଥିବା ଗଣେଶ ମୂର୍ତ୍ତି।


ମୂର୍ତ୍ତି କାରିଗର ତିରୁପତି ଜେନା।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଡଙ୍ଗରିଗୁଡ଼ା ପଞ୍ଚାୟତ ସଦର ଜୟନ୍ତୀ ନଗରରେ ତିରୁପତି ସ୍ତ୍ରୀ, ଝିଅ ଓ ପୁଅଙ୍କୁ ନେଇ ସପରିବାର ରହନ୍ତି। ଝିଅ, ପୁଅ ପଢୁଥିବାବେଳେ ୨ଜଣ କର୍ମଚାରୀ ରଖି ମୂର୍ତ୍ତି ତିଆରି କରିଥାଆନ୍ତି। ସେ ବର୍ଷ ତମାମ ଗଣେଶ, ଲକ୍ଷ୍ମୀ, ବିଶ୍ୱକର୍ମା, ସରସ୍ୱତୀ ଆଦି ବିଭିନ୍ନ ମୂର୍ତ୍ତି ତିଆରିକରି ରୋଜଗାର କରୁଥିବା ତିରୁପତି କୁହନ୍ତି। ତାଙ୍କ ହାତ ନିର୍ମିତ ମୂର୍ତ୍ତି ସବୁ ଜୀବନ୍ତ ଭଳି ମନେହୁଏ। ତାଙ୍କ ଦ୍ୱାରା ନିର୍ମିତ ମୂର୍ତ୍ତି ସବୁ ବିଭିନ୍ନ ସାଇଜ୍ ଓ ଆକୃତିର ହୋଇଥିବାରୁ ବଜାରରେ ତାଙ୍କ ମୂର୍ତ୍ତିର ଚାହିଦା ବେଶି। ପିଲାଟି ବେଳୁ ଏ ଦିଗରେ ଆଗ୍ରହ ଥିବାରୁ ମୂର୍ତ୍ତି ଗଢ଼ିବାବେଳେ କୌଣସି ଅସୁବିଧା ହେଉନାହିଁ ବୋଲି ତିରୁପତି କହିଛନ୍ତି। ଜିଲାର ଡାବୁଗାଁ, ଝରିଗାଁ, ପାପଡ଼ାହାଣ୍ଡି, କୋଷଗୁମୁଡା, ଉମରକୋଟ, ରାଇଘର ଆଦି ବ୍ଲକରୁ ଲୋକେ ଆସି ମୂର୍ତ୍ତି କିଣି ନେଉଥିବା ତିରୁପତି କୁହନ୍ତି। ଚଳିତ ଗଣେଶପୂଜା ସିଜନରେ ଛୋଟ ବଡ଼ ୩ ଶହ ମୂର୍ତ୍ତି ତିଆରି କରିଛି। ତିରୁପତିଙ୍କୁ ସରକାରୀ ସହାୟତା ମିଳିଲେ ଆହୁରି ଆଗକୁ ବଢ଼ିପାରନ୍ତେ ବୋଲି ଲୋକେ କହିଛନ୍ତି।



## ୩ ଦିନରେ ଭାଙ୍ଗିଲାଣି ୧୦୭ ଘର

କୋରାପୁଟ,(ଅମିତାଭ ବେହେରା)- କୋରାପୁଟ ଜିଲାରେ ଶୁକ୍ରବାର ବର୍ଷାର ପରିମାଣ ହ୍ରାସ ପାଇଛି। ତଥାପି ମଧ ଜିଲାର ୩ ବ୍ଲକରେ ୨୫ ଘର ଭାଙ୍ଗିଯାଇଥିବା ଜିଲା ଜରୁରୀ ଅଧିକାରୀ ଜ୍ଞାନଜ୍ୟୋତି ତ୍ରିପାଠୀ ସୂଚନା ଦେଇଛନ୍ତି। ନନ୍ଦପୁର ବ୍ଲକରେ ୧୯, ଲମତାପୁଟର ମାଛକୁଣ୍ଡ ତହସିଲରେ ୫ ଓ ନାରାୟଣପାଟଣା ବ୍ଲକରେ ଗୋଟିଏ ଘର ଭାଙ୍ଗିଥିବା ସୂଚନା ମିଳିଛି। ଏହାକୁ ମିଶାଇ ୩ ଦିନ ମଧ୍ୟରେ କୋରାପୁଟ ଜିଲାରେ ବର୍ଷାରେ ୧୦୭ ଘର ଭାଙ୍ଗିଯାଇଥିବା ଜଣାଯାଇଛି। ବୁଧବାର ଜିଲାରେ ୫ଟି ବ୍ଲକର ୩୦, ଗୁରୁବାର ଜିଲାରେ ୬ ବ୍ଲକର ୫୨ ଘର ଭାଙ୍ଗିଥିବା ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଜଣାଯାଇଛି।

### ସଂକ୍ଷେପରେ

## ଷ୍ଟେଟ୍‌ବ୍ୟାଙ୍କ ଶାଖା ପରିଦର୍ଶନକଲେ ମହାପ୍ରବନ୍ଧକ



ସୁନାବେଡା,୧୫।୯(କୃତ୍ତିବାସ ପ୍ରଧାନ)

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ମହାପ୍ରବନ୍ଧକ ଉତ୍ତମ କୁମାର ହାଜ୍ରା ଚୌଧୁରୀ ଗୁରୁବାର ଷ୍ଟେଟ୍ ବ୍ୟାଙ୍କର ସୁନାବେଡ଼ା ଶାଖା ପରିଦର୍ଶନ କରିଛନ୍ତି । ମହାପ୍ରବନ୍ଧକ ଚୌଧୁରୀଙ୍କୁ ସୁନାବେଡ଼ା ଶାଖା ମୁଖ୍ୟ ପ୍ରବନ୍ଧକ ନୂପୁର ମୌଳିକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଚୌଧୁରୀ ଶାଖା ପରିଦର୍ଶନ କରିବା ସହ ରହିଥିବା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଶେଷ କରି ବରିଷ୍ଠ ନାଗରିକ ଏବଂ ପେନ୍‌ସନଧାରୀଙ୍କୁ କିପରି ସୁବିଧାରେ ଉତ୍ତମ ସେବା ଯୋଗାଇ ହେବ ସେନେଇ ଆଲୋଚନା କରିଥିଲେ। ଏଥିସହ ସମସ୍ତ ଗ୍ରାହକ ଯେପରି କୌଣସି ସେବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ବିଶେଷ ଧ୍ୟାନଦେବାକୁ ଶାଖାର ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଜୟପୁର ଆର୍‌ଏମ୍ କାବୁଲା ବେହେରା,ଶାଖା ମୁଖ୍ୟ ପ୍ରବନ୍ଧକ ମୌଳିକଙ୍କ ସମେତ ଶାଖାର ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଶହୀଦ ସ୍ମୃତି ବାଟିକା ପାଇଁ ଦାମନଯୋଡିରୁ ମାଟି ସଂଗ୍ରହ

ଦାମନଯୋଡି,୧୫।୯(ରାଧାକାନ୍ତ ବ୍ରହ୍ମା)

ଆସନ୍ତା ଅକ୍ଟୋବର ମାସରେ ନୂଆଦିଲ୍ଲୀଠାରେ ହେବାକୁ ଥିବା ଶହୀଦ ସ୍ମୃତି ବାଟିକା ନିର୍ମାଣ ପାଇଁ ଗତ ଅଗଷ୍ଟ ୧୫ ତାରିଖରୁ ମୋ ଦେଶ ମୋ ମାଟି ଅଭିଯାନ ଆରମ୍ଭ ହୋଇଛି। ଦେଶର ସବୁ ପଞ୍ଚାୟତରେ ଏହି ଅଭିଯାନ ଚାଲିଥିବା ବେଳେ ଶୁକ୍ରବାର ଚାରାଗୁଲ ପଞ୍ଚାୟତର ଭେଜାପୁଟରୁ ମାଟି ସଂଗ୍ରହ କରାଯାଇଥିଲା। ଓଡ଼ିଶା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମୋ ଦେଶ ମୋ ମାଟି ଅଭିଯାନରେ ସାମିଲ ହୋଇ ଭେଜାପୁଟରେ ପହଞ୍ଚିବା ପରେ ଉପସ୍ଥିତ କର୍ମୀ, ସମର୍ଥକ ଓ ଗ୍ରାମବାସୀ ବହୁ ସଂଖ୍ୟାରେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଭେଜାପୁଟର ବରିଷ୍ଠ ଖବରଦାତା ସୁଦର୍ଶନ ସେନାପତି ତାଙ୍କ ତୁଳସୀ ଚଉରା ଓ ଘର ସମ୍ମୁଖରୁ ଏକ ସୁସଜ୍ଜିତ କଳସରେ ସାମଲଙ୍କୁ ପ୍ରଥମେ ମାଟି ପ୍ରଦାନ କରିଥିଲେ। ପରେ ନିଶାଣୀମୁଣ୍ଡା ଗ୍ରାମ ଦେବୀ ପୀଠରୁ ମାଟି ସଂଗ୍ରହ କରିବା ପରେ ଅଜିତ ସାହୁ ଏବଂ ସମୀର ମହାପାତ୍ରଙ୍କ ଘରୁ ମାଟି ସଂଗ୍ରହ କରାଯାଇଥିଲା। କୋରାପୁଟ ଜିଲା ଭାଜପା ସଭାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲା ସମ୍ପାଦକ ଚୈତନ୍ୟ ହେନ୍ତଳ ପରିଚାଳନା କରିଥିଲେ।

## ଇଞ୍ଜିନିୟର ଦିବସ ପାଳିତ

ଜୟପୁର,୧୫।୯ (ପବନ ପାଣିଗ୍ରାହୀ )

ସ୍ଥାନୀୟ ଟିପିଏସ୍‌ଓଡିଏଲ ଉପସାଧାରଣ ପରିଚାଳକ (ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ ଠାରେ ୫୬ତମ ଇଞ୍ଜିନିୟର ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜୟପୁରର ଉପ ସାଧାରଣ ପରିଚାଳକ ମନ୍ମଥ ନାଥ ମିଶ୍ର, ଡିଓଏସ୍ ହେଡ୍ ଦିପକ ସିଂ. ଓ ଅଭିଯୋଗ ପ୍ରତିକାର ବିଚାର ପୀଠ ସଭାପତି ତପନ ରଶ୍ମି ସୁବୁଦ୍ଧି ମଞ୍ଚାସୀନ ଅତିଥି ରୂପେ ଉପସ୍ଥିତ ଥିଲେ। ଅତିଥିମାନେ ବିଦ୍ୟୁତ୍ ବିତରଣରେ ଅନେକ ସୁରକ୍ଷାତ୍ମକ ଓ ଉଚ୍ଚ ଗୁଣାତ୍ମକ ଉପକରଣର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ।

# ସାଙ୍ଗର ଭାଇରାଲ ଭିଡିଓ ଖୋଲୁଛି ରହସ୍ୟ

### ହରଡ଼ାପୁଟ ସେବାଶ୍ରମ ଛାତ୍ରୀ ମୃତ୍ୟୁ ମାମଲା

ଜୟପୁର,୧୫।୯(ପବନ ପାଣିଗ୍ରାହୀ)

ହରଡ଼ାପୁଟ ସେବାଶ୍ରମ ବିଦ୍ୟାଳୟର ଅନ୍ତେବାସୀ ତପସ୍ୱିନୀ ଗାଦବା(୧୩)ଙ୍କ ମୃତ୍ୟୁ ମାମଲାରେ ସେବାଶ୍ରମ କର୍ତ୍ତୃପକ୍ଷଙ୍କ ସହ ଚିକିତ୍ସା କରିଥିବା ଡାକ୍ତରଙ୍କ ଅବହେଳାକୁ ନେଇ ପରିବାରବର୍ଗ ବୋରିଗୁମ୍ମା ଥାନାରେ ଅଭିଯୋଗ କରିଥିଲେ। ବୋରିଗୁମ୍ମା ପୋଲିସ ଏନେଇ ମାମଲା ରୁଜୁ କରିଥିଲା। ଇତିମଧ୍ୟରେ ଏସ୍‌ଡିସି ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, ଥାନା ଅଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି ପ୍ରମୁଖ ଘଟଣାର ପୃଥକ୍ ପୃଥକ୍ ତଦନ୍ତ କରିଥିଲେ। ଏବେ ତପସ୍ୱିନୀଙ୍କ ସାଙ୍ଗର ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ଆଦିବାସୀ ମହାସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି।

ଜୟପୁର ବ୍ଲକର କୁମୁଲିପୁଟ ପଞ୍ଚାୟତ ଅନ୍ତର୍ଗତ ହରଡ଼ାପୁଟ ବାଳିକା ସେବାଶ୍ରମ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପଢୁଥିବା ତପସ୍ୱିନୀ ଗତ ୧୨ତାରିଖରେ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ରାବଣାଗୁଡ଼ା ଗୋଷ୍ଠୀ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିଲା। ଚିକିତ୍ସା କରିଥିବା ଡାକ୍ତର ଜଣକ ଗ୍ୟାସ୍ ସମସ୍ୟା ହୋଇଥିବା କହି ଔଷଧ ଦେଇ ଫେରାଇଦେଇଥିଲେ। ସେବାଶ୍ରମକୁ ଫେରି ତପସ୍ୱିନୀ ସେହିଦିନ ରାତିରେ ବାନ୍ତି କରିଥିଲେ। ପରେ ରାତି ୨ଟା ବେଳେ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହା ଦେଖି ତାଙ୍କ ସହ ରହୁଥିବା ଜଣେ ସାଙ୍ଗ ସେବାଶ୍ରମରେ ରହୁଥିବା ମାଟ୍ରନଙ୍କୁ ସୂଚନା ଦେଇଥିଲେ। ତେବେ ଏହାକୁ ମାଟ୍ରନ ଗୁରୁତ୍ୱ ଦେଇ ନ ଥିଲେ। ପୁଣି ସକାଳୁ ତାଙ୍କୁ କହିବାରୁ ସେ ଖେଳ ଶିକ୍ଷୟିତ୍ରୀ ଡାକ୍ତରଖାନାକୁ ନେବେ ବୋଲି କହିଥିଲେ। ଅଟୋ ଡାକି ଡାକ୍ତରଖାନାକୁ ନେବା ସମୟରେ ତପସ୍ୱିନୀଙ୍କ ମୃତ୍ୟୁ ହୋଇଯାଇଥିଲା। ପୂର୍ବରୁ ଯଦି ତପସ୍ୱିନୀଙ୍କୁ ଡାକ୍ତରଖାନା ନେଇଥାନ୍ତେ ସେ ବଞ୍ଚିଯାଇଥାନ୍ତା ବୋଲି ତାଙ୍କ ସାଙ୍ଗ ଛାତ୍ରୀ ଜଣକ କାନ୍ଦିକାନ୍ଦି କହୁଥିବା ସମୟର ଭିଡିଓ ଏବେ ଭାଇରାଲ ହୋଇଛି। ଭିଡିଓ ଏବେ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି। ଏହି ଭିଡିଓ ଦେଖିଥିବା ଜିଲା ମଙ୍ଗଳ ଅଧିକାରୀ ତାଣ୍ଡି କହିଛନ୍ତି। ଏହି ଭାଇରାଲ ଭିଡିଓରେ ସମ୍ପୂର୍ଣ୍ଣ ରୂପେ ମାଟ୍ରନଙ୍କ ଭୁଲ୍ ରହିଥିବା ଦର୍ଶାଉଛି। ଏହାକୁ ନେଇ ମାଟ୍ରନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବେ ବୋଲି ତାଣ୍ଡି କହିଛନ୍ତି। ଅନ୍ୟପକ୍ଷରେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଏତଲାକ୍ରମେ ବୋରିଗୁମ୍ମା ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଛାତ୍ରୀଙ୍କ ବାପା କୃଷ୍ଣ ଗାଦବାଙ୍କ ଏତଲାକ୍ରମେ ହତ୍ୟା ସନ୍ଦେହରେ ଦଫା ୩୦୨ରେ ଆଉ ଏକ ମାମଲା ରୁଜୁ ହୋଇଛି ବୋଲି ବୋରିଗୁମ୍ମା ଥାନା ଅଧିକାରୀ ଯୁଗଳ କିଶୋର ସା କହିଛନ୍ତି। ତେବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ଭିସୋରା ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏହା ଆସିବା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସା କହିଛନ୍ତି।

## ବର୍ଷା ପ୍ରଭାବରେ ନନ୍ଦପୁର, ଦାସପୁଟରେ ୮ ଘର ଭାଙ୍ଗିଲା

ନନ୍ଦପୁର, ୧୫।୯ (ଶଙ୍କର ପୂଜାରୀ)



ଲଘୁଚାପଜନିତ ଲଗାଣ ବର୍ଷା ପ୍ରଭାବରେ ନନ୍ଦପୁର ତହସିଲ ଅଧୀନ ଥିବା ଓ କୁଲାରସିଂ ରାଜସ୍ୱ ମଣ୍ଡଳରେ ଗୁରୁବାର ସନ୍ଧ୍ୟା ସୁଦ୍ଧା ୬ଟି ଘର ଭାଙ୍ଗିଥିବା ଜଣାପଡିଛି। ସେହିଭଳି ନନ୍ଦପୁର ଥାନା ଅନ୍ତର୍ଗତ ଲମତାପୁଟ ତହସିଲ ଅଧୀନ କୁମାରଗନ୍ଧନା ପଞ୍ଚାୟତର ଦାସପୁଟ ଗ୍ରାମରେ ଘର ପାର୍ଶ୍ୱରେ ଥିବା ଗଛ ଉପୁଡ଼ି ୨ଟି ଘର ଭାଙ୍ଗିଛି। ସମସ୍ତ କ୍ଷତିଗ୍ରସ୍ତ ପରିବାରକୁ ନନ୍ଦପୁର ଓ ଲମତାପୁଟ ତହସିଲଦାରଙ୍କ ନିର୍ଦ୍ଦେଶ ମତେ ରାଜସ୍ୱ ନିରୀକ୍ଷକ ମାନେ ପଲିଥିନ ଯୋଗାଇ ଦେଇଛନ୍ତି। ନନ୍ଦପୁର ତହସିଲ ଅଧୀନ କୁଲାରସିଂ ରାଜସ୍ୱ ମଣ୍ଡଳ ଗୋଲୁର ପଞ୍ଚାୟତର ଗୁଆପୁଲ ଗ୍ରାମର ଲିଙ୍ଗୁ ହନ୍ତାଳ, ଚିରେଞ୍ଜି ଖିଲ ଓ ଲଚୁ ହନ୍ତାଳ ଏବଂ ଥିବା ରାଜସ୍ୱ ମଣ୍ଡଳର ଗୁଡ଼ିଗୁଆ ଗ୍ରାମର ସଦା ପାଙ୍ଗି, ଦାଣ୍ଡଗୁଡା ଗ୍ରାମର ମୁକୁନ୍ଦ ହନ୍ତାଳ ଓ ଖୁଡ଼ାଶିଙ୍ଗ ଗ୍ରାମର ଲକ୍ଷ୍ମଣ ଜାନିଙ୍କ ଘର ବର୍ଷା ଯୋଗୁ ଭାଙ୍ଗି ଥିଲା। ସେହିଭଳି ଦାସପୁଟ ଗ୍ରାମରେ ଗଛ ଉପୁଡ଼ି ମାଧବ ବଡନାୟକଙ୍କ ଘର ଓ ଘେନୁ ବଡନାୟକଙ୍କ ଗୁହାଳ ଉପରେ ପଡ଼ିବାରୁ ଘରର କାନ୍ଥ ଆଜବେଷ୍ଟସ ଓ ଗୁହାଳର କାନ୍ଥ ଓ ଟାଇଲି ଛପର ଭାଙ୍ଗି ନଷ୍ଟ ହୋଇଛି। ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା କ୍ଷୟକ୍ଷତି ଆକଳନ ପରେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରାଯିବ ବୋଲି ନନ୍ଦପୁର ତହସିଲଦାର ନରସିଂହ ଗାଦବା ଓ ଲମତାପୁଟ ତହସିଲଦାର ଜୟନ୍ତ ମେହେର କହିଛନ୍ତି।

## କୋରାପୁଟରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ

କୋରାପୁଟ,୧୫।୯(ଅମିତାଭ ବେହେରା)

କୋରାପୁଟ ଜିଲାକୁ ଶୁକ୍ରବାର ଦୁଇଦିନିଆ ଗସ୍ତରେ ଆସିଛନ୍ତି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ। ସେ କୋରାପୁଟ ଜିଲାର ଲକ୍ଷ୍ମୀପୁର ଓ କାକିରିଗୁମ୍ମାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଦାମନଯୋଡି ଓ ସେମିଳିଗୁଡ଼ା ହୋଇ କୋରାପୁଟ ସର୍କିଟ ହାଉସରେ ପହଞ୍ଚିଥିଲେ। ସେଠାରେ ଦଳୀୟ ନେତା ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି କୋରାପୁଟ ଜିଲାରେ ଭାଜପା ଦଳର ସ୍ଥିତି ସମୀକ୍ଷା କରିବା ସହ ଦଳୀୟ ନେତାଙ୍କୁ ଗୁରୁମନ୍ତ୍ର ଦେଇଥିବା ଜଣାପଡ଼ିଛି। କୋରାପୁଟ ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ କୋରାପୁଟ ଟାଉନ ହଲରେ କୋରାପୁଟ ବିଧାନସଭା ମଣ୍ଡଳୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ କରାଯାଇଛି। ରାଜ୍ୟ ସରକାରଙ୍କ ଅପାରଗତା ଓ ଦୁର୍ନୀତି ଖୋର ଆଭିମୁଖ୍ୟ ଓଡ଼ିଶା ପ୍ରଗତୀରେ ବାଧକ ହୋଇଛି ବୋଲି ସେ କହିଛନ୍ତି। ବର୍ତ୍ତମାନ ରାଜ୍ୟରେ ଭାଜପା ସ୍ଥିତି ମଜଭୁତ ହୋଇଛି। ଆଗାମୀ ସାଧାରଣ ନିର୍ବାଚନରେ ଭାଜପା ଭଲ ପ୍ରଦର୍ଶନ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କୋରାପୁଟ ଜିଲାରେ ଦଳକୁ ଅଧିକ ସୁଦୃଢ଼ କରିବାକୁ ହେଲେ ଗ୍ରାମାଞ୍ଚଳରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବାକୁ ସେ କର୍ମୀ ଓ ନେତାଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ରାଜ୍ୟ ସମ୍ପାଦକ ପୂର୍ଣ୍ଣିମା ନାୟକ, ନବରଙ୍ଗପୁର ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, କାଳିରାମ ମାଝି, କୋରାପୁଟ ଜିଲା ଏସ୍‌ସି ସେଲ ସଭାପତି ଭାଗିରଥି ପାଟନିଆ, ଦେବୀ ପ୍ରସାଦ କରଙ୍କ ସମେତ ଜିଲାର ବହୁନେତା ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଭଲ ଇଞ୍ଜିନିୟର ହୋଇ ସୁନାମ ଆଣିବାକୁ ପରାମର୍ଶ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

ମାଲକାନଗିରି,୧୫।୯(ନୃସିଂହ ଚରଣ ମହାନ୍ତି)

### ଇଞ୍ଜିନିୟରିଂ ଦିବସ ପାଳିତ

ବିଶ୍ୱେଶ୍ୱରାୟଙ୍କ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ମାଲକାନଗିରିସ୍ଥିତ ସରକାରୀ ପଲିଟେକ୍ନିକ୍ କଲେଜଠାରେ ଜାତୀୟ ଇଞ୍ଜିନିୟର ଦିବସ-୨୦୨୩ ପାଳିତ ହୋଇଯାଇଛି। ଚଳିତବର୍ଷ ଇଞ୍ଜିନିୟର୍ସ ଡେ'ର ଥିମ୍ ଥିଲା 'ଇଞ୍ଜିନିୟରିଂ ଫର୍ ଏ ସଷ୍ଟେନେବଲ୍ ଫ୍ୟୁଚର'। ଭାରତର ଭିତ୍ତିଭୂମି ବିକାଶ ପାଇଁ ସମର୍ପିତ ବ୍ୟକ୍ତିତ୍ୱଙ୍କ ପାଇଁ ଏହି ଦିବସ ପାଳନ କରିବା ପାଇଁ ଜିଲାର ବିଭିନ୍ନ ସ୍ଥାନରୁ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ ମୁଖ୍ୟବକ୍ତା ବାଲିମେଳାର ଓଏଚ୍‌ପିସି ଏଜିଏମ୍ ଭିକାରୀ ଚରଣ ମଲ୍ଲିକ, ମାଲକାନଗିରି କଲେଜ ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଞ୍ଜନ ସ୍ୱାଇଁ ବରିଷ୍ଠ ଆଇନଜୀବୀ ଅଶୋକ ପଟ୍ଟନାୟକ, ସହାୟକ ଯନ୍ତ୍ରୀ ସନ୍ଦୀପ ନାୟକ,ସହାୟିକା ନିର୍ବାହୀଯନ୍ତ୍ରୀ ଜ୍ୟୋତିରାଣୀ ଭୋମିକ, ଜିଲା ଦକ୍ଷତା ଅଧିକାରୀ ମନସ୍ୱି ସେଠୀ, ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୁଜବଳ, ଶିକ୍ଷା ଅଧିକାରୀ ରବିନ୍ଦ୍ରନାଥ କୁଣ୍ଡୁ , ଜେଇ ରାଜଶ୍ରୀ ପଟ୍ଟନାୟକ, ଜେଇ ଶାନ୍ତନୁ ବେହେରା, ଏସଡିଓ ସଂଗ୍ରାମ ମାଣ୍ଡି, ଏସଡିଓ ସୁଶାନ୍ତ ଜେନା, ଇଏମ୍‌ଆରଏସ ଅଧ୍ୟକ୍ଷ ବିଭୂତି ପ୍ରସାଦ ପଣ୍ଡା ଖବରଦାତା ରତ୍ନାକର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ମଲ୍ଲିକ ବିଶ୍ୱେଶ୍ୱରାୟଙ୍କ ଜୀବନୀ ଉପରେ ଆଲୋକପାତ କରି ସେ ଭାରତର ପ୍ରଥମ ଇଞ୍ଜିନିୟର ଥିଲେ। ରାଷ୍ଟ୍ର ନିର୍ମାଣରେ ତାଙ୍କର ଯୋଗଦାନ ଉଲ୍ଲେଖନୀୟ ବୋଲି କହିଥିଲେ। ଇଞ୍ଜିନିୟରମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ କିଭଳି ଗୁଣାତ୍ମକ ଭାବେ ବଜାୟ ରହିପାରିବ। ବର୍ତ୍ତମାନ ଏ କ୍ଷେତ୍ରରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ଭଲ ଇଞ୍ଜିନିୟର ହୋଇ ଦେଶରେ ସୁନାମ ଆଣିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରୀତିରଞ୍ଜନ ପ୍ରିୟଦର୍ଶୀ ପାତ୍ର ଓ ସୌରଭ ରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଜ୍ଞାନରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## ୫-ଟି ସଚିବଙ୍କ ସହ ଭିସିରେ ଆଲୋଚନା




କୁନ୍ଦୁରା, ୧୫।୯(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଚତୁର୍ଥ ପର୍ଯ୍ୟାୟରେ ରୂପାନ୍ତରିକରଣ ହେଉଥିବାବେଳେ ପୂର୍ବତନ ଛାତ୍ରୀଛାତ୍ର, ଅଧ୍ୟୟନରତ ଛାତ୍ରୀଛାତ୍ର, ପ୍ରଧାନଶିକ୍ଷକ ଏବଂ ବିଡିଓ ବିଚିତ୍ରାନନ୍ଦ ନାୟକଙ୍କ ସହ ଭିଡିଓ କନ୍‌ଫରେନ୍ସ (ଭିସି) ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଆଲୋଚନା କରିଛନ୍ତି। କୁନ୍ଦୁରା ବ୍ଲକରେ ଥିବା ସମସ୍ତ ୧୪ ହାଇସ୍କୁଲ ରୂପାନ୍ତରଣ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବଙ୍କୁ ଧନ୍ୟବାଦ ଦିଆଯାଇଛି।

ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାର ବଣ ପାହାଡ଼ ଘେରା କୁନ୍ଦୁରା ଅଞ୍ଚଳରେ ଦଶନ୍ଧି ଦଶନ୍ଧି ଧରି ଅବହେଳିତ ଜରାଜୀର୍ଣ୍ଣ ବିଦ୍ୟାଳୟଗୁଡ଼ିକ ଏବେ ନୂଆ ରୂପ ପାଇଛନ୍ତି। ରାଜଧାନୀ ଭଳି କୁନ୍ଦୁରାରେ ମଧ ପାଠପଢ଼ା ହେଉଛି ବୋଲି ଅନନ୍ତ ବିଦ୍ୟାପୀଠର ପୂର୍ବତନ ଛାତ୍ର ସନ୍ତୋଷ କୁମାର ପ୍ରହରାଜ କହିଥିଲେ। ଭିସିରେ ଥିବା ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜ ପୂର୍ବତନ ଛାତ୍ରଙ୍କୁ ରୂପାନ୍ତରଣ ବାବାଦରେ ପଚାରିବା ସହ ଖୁସି ବ୍ୟକ୍ତ କରିଥିଲେ। ଅନନ୍ତ ବିଦ୍ୟାପୀଠର ନବମ ଶ୍ରେଣୀ ଛାତ୍ରୀ ପୁନମ ମହାନ୍ତିଙ୍କୁ ସଚିବଙ୍କୁ ବଡ଼ ହେଲେ ପ୍ରଶାସନିକ ଅଧିକାରୀ ହେବେବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନନ୍ତ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ବିଜୟ ଭଞ୍ଜ, ସଭାପତି ଉମାକାନ୍ତ ମିଶ୍ର, ବାଗଦେରି ଶ୍ରୀ ଜଗନ୍ନାଥ ବିଦ୍ୟାପୀଠ ପ୍ରଧାନଶିକ୍ଷକ କମଳାକାନ୍ତ ସ୍ୱାଇଁ, ସଭାପତି ଦୁର୍ଯ୍ୟୋଧନ ପୂଜାରୀ,ପୂର୍ବତନ ଛାତ୍ର ଗଙ୍ଗା ସାଆନ୍ତା, ଡଙ୍ଗର ପାଡଁଶି ସମିତି ସଭ୍ୟା ମମତା ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷ, ଚାଷୀଙ୍କ ଉନ୍ନତି ନେଇ ୧୪୯୧ କୋଟି ଖର୍ଚ୍ଚ ଲକ୍ଷ୍ୟ

କୋରାପୁଟ,୧୫।୯(ଅମିତାଭ ବେହେରା)

ନାବାର୍ଡ ଓ ଲିଡ୍ ବ୍ୟାଙ୍କର ମିଳିତ ଆନୁକୁଲ୍ୟରେ ଶୁକ୍ରବାର କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟକାରୀ ପାଇଁ ଜିଲାର ବିଭିନ୍ନ ବ୍ୟାଙ୍କ ଅଧିକାରୀଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। କୋରାପୁଟ ଲିଡ୍ ବ୍ୟାଙ୍କ ଚିଫ ମ୍ୟାନେଜର ଲିଙ୍ଗରାଜ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କେସିସିବି ସମ୍ପାଦକ ଅଭୟ ଲେଙ୍କା ସ୍ୱତନ୍ତ୍ର ଅତିଥି, କୋରାପୁଟ ନାବାର୍ଡର ଡିଡିଏମ୍ ଦେବେନ୍ଦ୍ର ପ୍ରଧାନ ଅତିଥିଭାବେ ଉପସ୍ଥିତ ଥିଲେ। ନାବାର୍ଡ ସହାୟତାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଛି।

ଚଳିତ ଆର୍ଥିକ ବର୍ଷରେ ୧୪୯୧ କୋଟି ଟଙ୍କା ଜିଲାର ଚାଷ ଓ ଚାଷୀମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ଖର୍ଚ୍ଚ କରାଯିବାର ଲକ୍ଷ୍ୟ ରହିଥିବା ନାବାର୍ଡ ଡିଡିଏମ୍ କହିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଏସ୍‌ଏଚ୍‌ଜି ମହିଳାଙ୍କୁ ପ୍ରଦାନ କରାଯାଉଥିବା ସ୍କୁଟି ଯୋଜନା ଓ ବଳରାମ ଯୋଜନାର ଅଗ୍ରଗତୀ ଓ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ କିପରି ପୂରଣ କରାଯାଇପାରିବ ସେ ନେଇ ଲିଡ୍ ବ୍ୟାଙ୍କର ଚିଫ ମ୍ୟାନେଜର ଉପସ୍ଥିତ ବ୍ୟାଙ୍କ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ। ଉପରୋକ୍ତ ଯୋଜନାରେ ସହାୟତା ପାଇବାକୁ ବ୍ୟାଙ୍କଙ୍କୁ ଆସୁଥିବା ହିତାଧିକାରୀଙ୍କୁ ଉତ୍ତମ ବ୍ୟବହାର ଓ ସହଯୋଗ କରିବା ଉପରେ ବ୍ୟାଙ୍କ ମ୍ୟାନେଜରଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାରେ ନାବାର୍ଡ ଦ୍ୱାରା ଚାଲିଥିବା ବିଭିନ୍ନ ଯୋଜନାର କ୍ଷେତ୍ର ପରିଦର୍ଶନ କରିବାକୁ ବ୍ୟାଙ୍କ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। କୋରାପୁଟ ଲିଡ୍ ବ୍ୟାଙ୍କର ବରିଷ୍ଠ ଗ୍ରାହକସେବା ଅଧିକାରୀ ତୁଳେଶ୍ୱର ଦାସ ବୈଠକ ପରିଚାଳନାରେ ସହାୟତା କରିଥିଲେ।




ବୈଠକରେ ଅତିଥି ଓ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## କୋରାପୁଟ, ନନ୍ଦପୁରରେ ଶିକ୍ଷକ ଆନ୍ଦୋଳନ

କୋରାପୁଟ/ନନ୍ଦପୁର୧୫।୯
(ଅମିତାଭ ବେହେରା/ଶଙ୍କର ପୂଜାରୀ)

ରାଜ୍ୟ ଏବଂ ଜିଲା ପ୍ରାଥମିକ ଶିକ୍ଷକ ସଂଘର ଡାକରାରେ କୋରାପୁଟ ବ୍ଲକ୍ ଶିକ୍ଷକ ସଂଘ ଶୁକ୍ରବାର ସମୂହ ଛୁଟିକରି ଧାରଣାରେ ସାମିଲ ହୋଇଛି। ଠିକା ଶିକ୍ଷକଙ୍କୁ ସ୍ଥାୟୀ କରିବା ସମେତ ୩ ଦଫା ଦାବି ପୂରଣ ନେଇ ଶତାଧିକ ଶିକ୍ଷକ ଶୁକ୍ରବାର ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଫଳରେ ୧୪ଟି ବ୍ଲକରେ ଥିବା ପ୍ରାଥମିକ ବିଦ୍ୟାଳୟରେ ତାଲା ପଡ଼ିବା ସହ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ଏକପ୍ରକାର ବନ୍ଦ ହୋଇଯାଇଛି। ଜିଲା ସଂଘ ସମ୍ପାଦକ ରାଜେନ୍ଦ୍ର ସାହୁ, ବ୍ଲକ୍ ସଭାପତି ବସନ୍ତ ଲେଙ୍କା, ଧନେଶ୍ୱର କାଣ୍ଡି, ଜୟକୃଷ୍ଣ ଭଦ୍ର, ଗଜନୀ ଚନ୍ଦ୍ରଶେଖର, ଟି.ଅରୁଣା, ଲକ୍ଷ୍ମୀପ୍ରିୟା ଦାସ, ପ୍ରମୋଦ ଡାକୁଆ ଏହି ଧାରଣାର ନେତୃତ୍ୱ ନେଇଥିଲେ।

ନନ୍ଦପୁର ବ୍ଲକରେ ମଧ ଚାଲିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଧାରଣା ଗୁରୁବାରଠାରୁ ଜୋରଦାର ହୋଇଛି। ଗୁରୁବାର ଓ ଶୁକ୍ରବାର ବ୍ଲକର ୧୬୬ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ସମ୍ପୂର୍ଣ୍ଣ ବନ୍ଦ ରହିବା ସହ ବିଦ୍ୟାଳୟ ଫାଟକରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ଫଳରେ ବ୍ଲକ ଅଧୀନ ୨୩ ପଞ୍ଚାୟତରେ ଥିବା ୧୩୭ ପ୍ରାଥମିକ ବିଦ୍ୟାଳୟ ଓ ୨୯ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୩ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିକ୍ଷାଦାନ ଓ ମଧ୍ୟାହ୍ନ ଭୋଜନ ଯୋଜନାରୁ ବଞ୍ଚିତ ହୋଇଥିବା ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ ସୂଚନା ଦେଇଛନ୍ତି। ବ୍ଲକ ଶିକ୍ଷକ ସଂଘ ସଭାପତି ସନିଆ ମୁଦୁଲି କହିଛନ୍ତି, ରାଜ୍ୟ ନିଖିଳ ଉତ୍କଳ ଶିକ୍ଷକ ସଂଘ ନିଷ୍ପତ୍ତି ଅନୁଯାୟୀ ବ୍ଲକ ଶିକ୍ଷକ ସଂଘର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ନିଜ ସ୍କୁଲ ବନ୍ଦ କରି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ରାଜ୍ୟ ସରକାର ଆମ ନ୍ୟାଯ୍ୟ ୩ଦଫା ଦାବି ପୂରଣ ନ କରିବା ଯାଏ ଏପରି ଆନ୍ଦୋଳନ ଜାରି ରହିବ।

## ନାଲକୋରେ ଜାତୀୟ ଇଞ୍ଜିନିୟର୍ସ ଦିବସ

ଦାମନଯୋଡି,୧୫।୯(ରାଧାକାନ୍ତ ବ୍ରହ୍ମା)

ଭାରତରତ୍ନ ଇଂ. ଏମ୍. ବିଶ୍ୱେଶ୍ୱରୟାଙ୍କ ୫୬ତମ ଜନ୍ମ ଦିବସ ଶୁକ୍ରବାର କେନ୍ଦ୍ରୀୟ ନବରତ୍ନ ଉଦ୍ୟୋଗ ନାଲକୋର ଆଲୁମିନା ବିଶୋଧନ ପ୍ରକଳ୍ପରେ କାର୍ଯ୍ୟରତ ଇଞ୍ଜିନିୟର ମାନଙ୍କ ପକ୍ଷରୁ ପ୍ରଶାସନିକ ଭବନ ଅଡିଟୋରିୟମରେ ପାଳିତ ହୋଇଛି। ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ. ସୁଶୀଲ ପାଢ଼ୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତରତ୍ନ ସାର୍ ଏମ. ବିଶ୍ୱେଶ୍ୱରାୟାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ନାଲକୋର ପ୍ରଗତିରେ ଉତ୍ସର୍ଗୀକୃତ ରୂପେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଆଲୁମିନା ବିଶୋଧନ ପ୍ରକଳ୍ପର ସମସ୍ତ ସମୂହ ମହାପ୍ରବନ୍ଧକ ପ୍ରମୋଦ ବେହେରା,ଅମରେନ୍ଦ୍ର ମିଶ୍ର,ମହାପ୍ରବନ୍ଧକ ସରୋଜ ନାଥ, ଓ ବିଭାଗୀୟ ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଉପମହାପ୍ରବନ୍ଧକ ବିଚ୍ଛନ୍ଦ କୁମାର ଦାଶ ସ୍ୱାଗତ ସୂଚନା ଦେଇଥିଲେ।

## ଏମ୍‌ପି ଅପରାଜିତାଙ୍କୁ କୋରାପୁଟ, ଜୟପୁରରେ ସମ୍ବର୍ଦ୍ଧନା

କୋରାପୁଟ/ଜୟପୁର,୧୫।୯
(ଅମିତାଭ ବେହେରା/ପବନ ପାଣିଗ୍ରାହୀ)

ଭୁବନେଶ୍ୱର ଏମ୍‌ପି ତଥା ଭାଜପା ଉପସଭାପତି ଅପରାଜିତା ଷଡ଼ଙ୍ଗୀଙ୍କୁ ଶୁକ୍ରବାର କୋରାପୁଟ ରେଲୱେ ଷ୍ଟେଶନଠାରେ ଭାଜପା ପକ୍ଷରୁ ସ୍ୱାଗତ କରାଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମାଲକାନଗିରି ଗସ୍ତରେ ଆସିଥିବା ଅପରାଜିତା ହୀରାଖଣ୍ଡ ଏକ୍ସପ୍ରେସ୍ ଯୋଗେ ଆସି କୋରାପୁଟ ରେଲୱେ ଷ୍ଟେଶନରେ ପହଞ୍ଚିବା ପରେ ଦଳୀୟ ନେତା ବିଜୟ ମିଶ୍ର, ଭାଗୀରଥି ପାଟନିଆଙ୍କ ସମେତ ବହୁ ନେତା ଓ କର୍ମୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସେ କୋରାପୁଟ ସ୍ମୃତି ସାଉଁଟି କହିଥିଲେ, ପୂର୍ବରୁ ସେ କୋରାପୁଟ ଜିଲାପାଳ ଭାବେ କାର୍ଯ୍ୟ କରିଥିଲେ। କୋରାପୁଟ ପ୍ରକୃତି ଓ ପରିବେଶ ସହିତ ସେ ଭଲଭାବେ ଜଡିତ ଅଛନ୍ତି। ଏହି ଅବସରରେ ସେ ଆଗାମୀ ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲକରି ସରକାର ଗଢିବ। ନରେନ୍ଦ୍ର ମୋଦି ପୁଣି ଥରେ ପ୍ରଧାନମନ୍ତ୍ରୀ ହେବେ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ।

ଅପରାଜିତାଙ୍କୁ ଜୟପୁରରେ ମଧ ସ୍ୱାଗତ କରାଯାଇଛି। ମାଲକାନଗିରି ଜିଲା ଗସ୍ତ ସମୟରେ ଜୟପୁର ସରକାରୀ ବସ୍‌ଷ୍ଟାଣ୍ଡ ନିକଟ ହନୁମାନ ମନ୍ଦିର ନିକଟରେ ତାଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେ ହନୁମାନଙ୍କୁ ଦର୍ଶନକରି ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଇଣ୍ଡିଆ ମେଣ୍ଟ କେତେକ ଗଣମାଧ୍ୟମର ଆଙ୍କରଙ୍କୁ ବୟକଟ୍ କରିବା ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଅପରାଜିତା କହିଲେ, ଇଣ୍ଡିଆ ମେଣ୍ଟ ହତାଶ ହୋଇପଡିଛି। ଏହି ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ରାଷ୍ଟ୍ର ପାଇଁ ବିପଜ୍ଜନକ। ଗଣତନ୍ତ୍ରର ସୁରକ୍ଷା ନେଇ ଡିଣ୍ଡିମ ପିଟୁଥିବା ଇଣ୍ଡିଆ ମେଣ୍ଟର ଅସଲ ଚେହେରା ଏହାଦ୍ୱାରା ପଦାରେ ପଡିଛି। ଭାରତବର୍ଷର ଲୋକେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଅତୁଟ ବିଶ୍ୱାସ ରଖିଥିବା ବିଭିନ୍ନ ଗଣମାଧ୍ୟମର ସର୍ଭେରୁ ସ୍ପଷ୍ଟ ସୂଚନା ମିଳିବା ପରେ ବିରୋଧୀ ମେଣ୍ଟ ହତାଶ ହୋଇପଡ଼ିଛି। ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରଶ୍ନର ଜବାବ ଦେଇ ନ ପାରି ବିରୋଧୀ ଶେଷରେ ଖବରଦାତାଙ୍କ ଉପରେ ରାଗ ରଖି ବୟକଟ୍ କରିବା ନେଇ ତାଲିକା ପ୍ରସ୍ତୁତ କରିବା ଘଟଣା ସେମାନଙ୍କ ହତାଶ ଭାବର ପରିଚୟ ଦେଉଛି ବୋଲି ଏମ୍‌ପି ଷଡଙ୍ଗୀ କହିଥିଲେ। ପରେ ସେ ଜୟପୁରରୁ ଗୋବିନ୍ଦପାଲ୍ଲି ଗସ୍ତରେ ଯାଇଥିଲେ। ଭାଜପା ନେତା ଅକ୍ଷୟ ସାହୁ, ଲଳିତ ଅଗ୍ରୱାଲ, ଏ. ଦୁର୍ଗାପ୍ରସାଦ, ପ୍ରଫୁଲ୍ଲ ରଥ, ଅମର ଆହୁଜା, ଲକ୍ଷ୍ମୀନାରାୟଣ ପାଢୀ. ବିଶ୍ୱନାଥ ମାଳୀ, କ୍ଷେତ୍ର ମୋହନ ନାୟକ, ଶ୍ରୀନିବାସ ପଣ୍ଡା , ମୋହନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ ଧାରଣାକୁ ସମର୍ଥନକଲା କଂଗ୍ରେସ, ଭାଜପା

ସେମିଳିଗୁଡ଼ା/ସୁନାବେଡ଼ା,୧୫।୯
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)




ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଧାରଣାକୁ ସମର୍ଥନ କରି ବିଧାୟକ ତାରାପ୍ରସାଦ ବାହିନୀପତି ସେମାନଙ୍କ ସହ ସାମିଲ ହୋଇଛନ୍ତି।

ଗତ ୮ ଦିନ ହେବ ନିଜର ୩ଦଫା ଦାବି ପୂରଣ ନେଇ ସେମିଳିଗୁଡା ବ୍ଲକ୍ ଅଧୀନ ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସ୍କୁଲରେ ତାଲା ପକାଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏହି ଆନ୍ଦୋଳନକୁ ଶୁକ୍ରବାର ଜୟପୁର କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ସମର୍ଥନ କରିଛନ୍ତି। ସରକାର ଶୀଘ୍ର ଶିକ୍ଷକମାନଙ୍କ ଦାବି ପୂରଣ କରିବାକୁ ସେ ଦାବି କରିଛନ୍ତି। ସରକାର ଶିକ୍ଷକ ଓ କୁନି କୁନି ପିଲାଙ୍କ ଭବିଷ୍ୟତ ପ୍ରତି ଅନ୍ୟାୟ ନ କରନ୍ତୁ ବୋଲି ସେ କହିଛନ୍ତି। ସେହିପରି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କୋରାପୁଟ ଜିଲା ଗସ୍ତରେ ଆସି ଦାମନଯୋଡ଼ି ମତାଲପୁଟଠାରେ ଦଳୀୟ କାର୍ଯ୍ୟକ୍ରମ ସାରି ସେମିଳିଗୁଡା ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହ ସାମିଲ ହୋଇଥିଲେ। ସେ କହିଲେ, ଦେଶର ଭବିଷ୍ୟତ ଗଢ଼ିବାରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ସରକାର ସେମାନଙ୍କ ସର୍ବନିମ୍ନ ଦାବି ମାନିନେବା ଉଚିତ ବୋଲି କହିଥିଲେ। ଏହି ଅବସରରେ ସାମଲ ସେମିଳିଗୁଡ଼ା ଧନରାଗିଣୀ ମନ୍ଦିର ନିକଟସ୍ଥ ମଲ୍ଟି ଫଙ୍କସନ ହଲ୍‌ଠାରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଦଳୀୟ କର୍ମକର୍ତ୍ତାଙ୍କୁ ଆଗାମୀ ନିର୍ବାଚନ ଲାଗି ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ଦଳର ସ୍ଥିତ ସୁଦୃଢ଼ କରିବାକୁ ଗୁରୁମନ୍ତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ସୁମନ୍ତ ପ୍ରଧାନ , ବରିଷ୍ଠ ନେତା ଜୟରାମ ଗରଡା, ଚୈତନ୍ୟ ହନ୍ତାଳଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବିଦ୍ୟାଳୟକୁ ଜମି ପଟ୍ଟା

ଗୋବିନ୍ଦପାଲି,(କାର୍ତ୍ତିକ ରଥ)-ଖଇରପୁଟ ବ୍ଲକ ଅନ୍ତର୍ଗତ କଦମ୍ବଗୁଡ଼ା ପଞ୍ଚାୟତର ଆମ୍ଳିପୁଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ତହସିଲଦାର ଲଳିତ ମଣ୍ଡଳ ବିଦ୍ୟାଳୟ ପରିଚାଳନା କମିଟି ଆବାହକ ତଥା ପ୍ରଧାନ ଶିକ୍ଷକ ସଦାନନ୍ଦ ଗୌଡ଼ଙ୍କୁ ବିଦ୍ୟାଳୟର ଜମି ପଟ୍ଟା ଶୁକ୍ରବାର ପ୍ରଦାନ କରିଛନ୍ତି। ଗତ ବର୍ଷଠାରୁ ଏହି ବିଦ୍ୟାଳୟ ୫-ଟିରେ ରୂପାନ୍ତରିତ ହୋଇଛି। ପିଲାଙ୍କ ଖେଳ ପଡିଆ, ବଗିଚା, ଶ୍ରେଣୀ ଗୃହ ପାଇଁ ୩ଏକରରୁ ଉର୍ଦ୍ଧ୍ୱ ପରିମାଣର ଜମିପଟ୍ଟା ପ୍ରଦାନ କରାଯାଇଛି ବୋଲି ପରିଚାଳନା କମିଟି ଅଧ୍ୟକ୍ଷ ରତିକାନ୍ତ ଗୌଡ଼ କହିଛନ୍ତି। କାର୍ଯ୍ୟକ୍ରମରେ ପରିଚାଳନା କମିଟି କିଛି ସଦସ୍ୟ, ଆଞ୍ଚଳିକ ସାଧନ ସଂଯୋଜକ ଚିତ ରଞ୍ଜନ ଦାସ, ପ୍ରଧାନ ଶିକ୍ଷକଙ୍କ ସମେତ ଶିକ୍ଷକମାନେ ଉପସ୍ଥିତ ଥିଲେ। ଖଇରପୁଟ ବ୍ଲକରେ ଥିବା ଅନ୍ୟାନ୍ୟ ବିଦ୍ୟାଳୟଗୁଡିକୁ ଏପରି ସ୍ଥାୟୀ ପଟ୍ଟା ପ୍ରଦାନ କରିବାକୁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।



## ସଂକ୍ଷେପରେ

### ୯ମାସର ରୂପଶ୍ରୀଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କଲେ ମହିଳା



**ମାଲକାନଗିରି, ୧୫।୯ (ଦୁର୍ଯ୍ୟୋଧନ ପାତ୍ର)**

ତାମିଲନାଡୁ ରାଜ୍ୟ ଚେନ୍ନାଇର ଜଣେ ମହିଳା ପରିବର୍ତ୍ତନ ଶିଶୁ ଗୃହରେ ରହିଥିବା ୯ ମାସର ଶିଶୁ କନ୍ୟା ରୂପଶ୍ରୀଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ୯ ମାସ ତଳେ ଜଣେ ଅବିବାହିତା ମହିଳା ଏହି ଶିଶୁ କନ୍ୟାକୁ ଜନ୍ମ ଦେବା ପରେ ସେ ସ୍ୱଇଚ୍ଛାରେ ଶିଶୁକନ୍ୟାକୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଥିଲେ। ପରେ ଶିଶୁକୁ ପରିବର୍ତ୍ତନ ସିସିଆଇ ସେଣ୍ଟରର ସ୍ପେଶାଲ ଆଡପସନ୍ ଏଜେନ୍ସିରେ ରଖା ଯାଇଥିଲା। ଶିଶୁ କନ୍ୟାର ନାମକରଣ ରୂପଶ୍ରୀ କରାଯାଇଥିଲା। ସେଠାରେ ୯ମାସ ଧରି ରୂପଶ୍ରୀ ଲାଳନ ପାଳନ ହୋଇ ଆସୁଥିଲେ। ଚେନ୍ନାଇର ଜଣେ ମହିଳା ଏକ କନ୍ୟା ସନ୍ତାନକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ପ୍ରଶାସନ ନିକଟରେ ଆବେଦନ କରିଥିଲେ। ଏ ନେଇ ମହିଳାଙ୍କ ସମସ୍ତ ତଥ୍ୟ ଯାଞ୍ଚ ହେବାପରେ ପୋଷ୍ୟ ସନ୍ତାନ ରୂପେ ରୂପଶ୍ରୀଙ୍କୁ ସମ୍ପୃକ୍ତା ମହିଳାଙ୍କୁ ପ୍ରଦାନ କରାଯାଇଛି। ମହିଳା ଜଣକ ମାଲକାନଗିରି ସହରରେ ୩ଦିନ ରୂପଶ୍ରୀଙ୍କୁ ଧରି ରହିବେ। ସିଡବ୍ଲ୍ୟୁସି ପକ୍ଷରୁ ତାଙ୍କୁ ତିନିଦିନ ନିରୀକ୍ଷଣ କରାଯିବ। ପରେ ସେ ୬୦ ଦିନ ପାଇଁ ରୂପଶ୍ରୀଙ୍କୁ ସାଙ୍ଗରେ ନେଇ ଚେନ୍ନାଇ ଯିବେ। ପରେ ସେ ପୁଣି ରୂପଶ୍ରୀଙ୍କୁ ନେଇ ମାଲକନଗିରି ଆସିବେ। ଏହା ପରେ ସ୍ଥାୟୀ ପୋଷ୍ୟ ସନ୍ତାନ ଚୁକ୍ତିପତ୍ର ପ୍ରଦାନ କରାଯିବ। ଏହାପରଠାରୁ ମହିଳା ଜଣକ ସମ୍ପୂର୍ଣ୍ଣ ଭାବ ରୂପଶ୍ରୀଙ୍କୁ ନେଇ ରଖିବେ ବୋଲି ସିଡବ୍ଲ୍ୟୁସି ପକ୍ଷରୁ କୁହାଯାଇଛି।

### ଜଙ୍ଗଲରେ ଅବକାରୀ ଚଢ଼ାଉ

**ଜୟପୁର ୧୫।୯ (ପବନ ପାଣିଗ୍ରାହୀ)**

ଦେଶୀମଦ ପ୍ରସ୍ତୁତ କରିବା ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ କର୍ମଚାରୀ ନୀଳାଗୁଡ଼ା ଜଙ୍ଗଲରେ ଚଢ଼ାଉକରି ୧୨ ଶହ ଲିଟର ପୋଚ ଓ ୯୦ ଲିଟର ମଦ ଜବତକରିନଷ୍ଟ କରିଛନ୍ତି। ତେବେ ଚଢାଉ ସୂଚନା ପାଇ ମଦ ବ୍ୟବସାୟୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

### ପୋଷ୍ୟ ସନ୍ତାନ ଗ୍ରହଣକଲେ ବଙ୍ଗୀୟ ଦମ୍ପତି



**ରାୟଗଡ଼ା, ୧୫।୯ (ଭାଗ୍ୟଶ୍ରୀ ମିଶ୍ର )**

ସ୍ଥାନୀୟ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଆଇଡିଏସ୍ ସଂସ୍ଥା ମାଧ୍ୟମରେ ପରିଚାଳିତ ହୋଇଆସୁଥିବା ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରୁ ଶୁକ୍ରବାର ଏକ ବଙ୍ଗୀୟ ଦମ୍ପତି ୫ ମାସର କନ୍ୟା ସନ୍ତାନକୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିଛନ୍ତି। ଆଇନ ମୁତାବକ ରାୟଗଡ଼ା ଜିଲାପାଳ ସ୍ୱାଧୀଦେବ ସିଂହ ଉପସ୍ଥିତ ରହି ନିଜ ହାତରେ କନ୍ୟାସନ୍ତାନକୁ ପଶ୍ଚିମବଙ୍ଗ ଅଲିପୁରଦ୍ୱାର ନିବାସୀ ଜଣେ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଏହିସମୟରେ ଭାରପ୍ରାପ୍ତ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଧୁସ୍ମିତା ବେହେରା ଓ ପ୍ରତାପ କୁମାର ଦାଶ, ସଂସ୍ଥାର ମୁଖ୍ୟ ଦେବେନ୍ଦ୍ର କୁମାର ବେହେରାଙ୍କ ସମେତ ଜିଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁମଙ୍ଗଳ କମିଟି ସଂସ୍ଥାର ସମସ୍ତ କର୍ମୀ ଉପସ୍ଥିତ ଥିଲେ।

# ମାଝୀଗୁଡା ଗ୍ରାନାଇଟ ଖଣିକୁ ବିରୋଧ

**ମାଲକାନଗିରି, ୧୫।୯ (ଦୁର୍ଯ୍ୟୋଧନ ପାତ୍ର)**

### ୨୧ରୁ ମାଓବାଦୀ ପାଳିବେ ପ୍ରତିଷ୍ଠା ଦିବସ

ଆସନ୍ତା ୨୧ରୁ ମାଓବାଦୀ ସଙ୍ଗଠନ ନିଜର ପ୍ରତିଷ୍ଠା ଦିବସ ପାଳନ କରିବ। ଏନେଇ ଆନ୍ଧ୍ର ଓଡିଶା ସୀମା ସ୍ୱତନ୍ତ୍ର ଜୋନାଲ କମିଟି ସମ୍ପାଦକ ଗଣେଶ ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି। ସେ ମାଓବାଦୀ ସଙ୍ଗଠନର ୧୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଫାସିବାଦ ସରକାରଙ୍କୁ ବିରୋଧ କରିବାକୁ ଏଥିରେ ଆହ୍ୱାନ ଦେଇଛନ୍ତି। ମାଝୀଗୁଡା ଗ୍ରାନାଇଟି ଖଣିକୁ ବିରୋଧ କରାଯିବା ନେଇ ଏଥିରେ ଉଲ୍ଲେଖ ରହିଛି। ଗତ ୧୯ ବର୍ଷ ମଧ୍ୟରେ ପ୍ରାୟ ୯୦ ଜଣ ବିପ୍ଳବ ସାଥୀ ପୋଲିସ ଆକ୍ରମଣରେ ଶହୀଦ ହୋଇଥିବା ବେଳେ ଏହି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ପତ୍ରରେ ଉଲ୍ଲେଖ ରହିଛି। ବର୍ଷ ବର୍ଷ ଧରି ଜେଲରେ ବନ୍ଦୀ ରହିଥିବା ବିପ୍ଳବୀ ନେତା ଯେଉଁମାନେ ଖଣି, ପାଣି, ଜଙ୍ଗଲ ଜମି ପାଇଁ ଆନ୍ଦୋଳନ କରିଥିଲେ



ମାଓବାଦୀ ସଙ୍ଗଠନ ପକ୍ଷରୁ ଗଣେଶଙ୍କ ଜାରି ହୋଇଥିବା ପତ୍ର।

ସେମାନଙ୍କୁ ବନ୍ଦୀ କରି ରଖାଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାର ମାଓବାଦୀ ଦମନ ନାମରେ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଯଦି ଏହି ଟଙ୍କା ଗରିବଙ୍କ ବିକାଶ ପାଇଁ ଖର୍ଚ୍ଚ କରିଥାନ୍ତେ ଆଦିବାସୀମାନେ ଉପକୃତ ହୋଇ ପାରିଥାନ୍ତେ ବୋଲି ଏଥିରେ କୁହାଯାଇଛି। ତେବେ ମାଓବାଦୀ ସଙ୍ଗଠନ ଓଡିଶା ଓ ଆନ୍ଧ୍ରରେ ପୂର୍ବଭଳି ସକ୍ରିୟ ନାହିଁ। କିଛିଟା ଦୁର୍ବଳ ହୋଇଥିବା ଗଣେଶ ପତ୍ରରେ ସ୍ୱୀକାର କରିଛନ୍ତି। ସଙ୍ଗଠନକୁ ପୁର୍ନଗଠନ କରିବାକୁ ଆନ୍ଧ୍ର ଓଡିଶା ସୀମା କମିଟି ପକ୍ଷରୁ ପୁର୍ନବାର ପ୍ରକ୍ରିୟା ଆରମ୍ଭ ହୋଇଛି। ସରକାରଙ୍କ ବିରୋଧରେ ପୁଣି ଲଢେଇ ଆରମ୍ଭ ହେବ ବୋଲି ସେ ଆହ୍ୱାନ ଦେଇ ଓଡିଶା ଓ ଆନ୍ଧ୍ରରେ ଖଣି ଖାଦାନ ନାମରେ ସରକାର କମ୍ପାନୀ ହାତକୁ ଏହି ଅଞ୍ଚଳର ପ୍ରାକୃତିକ ସମ୍ପଦକୁ ଟେକି ଦେଉଛନ୍ତି। ଫଳରେ ଲକ୍ଷ ଲକ୍ଷ ଆଦିବାସୀ ବେସାହାରା ହେଉଛନ୍ତି। ବିଶେଷ କରି ଓଡିଶା କୋରାପୁଟ ଜିଲାର ଦେଓମାଳି ଏବଂ ନାଗେଶ୍ୱରୀ ପର୍ବତ ସମେତ ମାଲକାନଗିରି ଜିଲାର ବଣ୍ଡାଘାଟି ଅଞ୍ଚଳର ମାଝିଗୁଡା ଗ୍ରାମ ନିକଟରେ ଥିବା ଗ୍ରାନାଇଟ ଖଣିକୁ ତୀବ୍ର ବିରୋଧ କରାଯାଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ମାଝିଗୁଡାଠାରେ ଥିବା ଗ୍ରାନାଇଟ ଖଣି ପାଇଁ ପ୍ରଶାସନ ପକ୍ଷରୁ ଏକତରଫା ଜନ ଶୁଣାଣି କରାଯାଇଥିଲା। ବିରୋଧୀଙ୍କୁ ସଭା ମଧ୍ୟକୁ ଛଡାଯାଇ ନଥିଲା ବୋଲି ଅଭି ଯୋଗ ହୋଇଥିଲା। ବେଆଇନ ଭାବେ ରାଜ୍ୟ ସରକାର ଓ ପ୍ରଶାସନକୁ ହାତବାରିସି କରି ଜନ ଶୁଣାଣିକୁ ନିଜ ସପକ୍ଷରେ ନେବା ପାଇଁ ଆନ୍ଧ୍ରର ତ୍ରିବେଣୀ ମାଇନ୍ସ କମ୍ପାନୀ ସକ୍ଷମ ହୋଇଥିଲା। ଏହି କମ୍ପାନୀ ହେଲେ ଆଦିମ ଜନଜାତି ବଣ୍ଡାଙ୍କ ଜୀବନ ଜୀବିକା ଓ ଭିଟାମାଟି ହରାଇବା, ପୁରାଣ ପ୍ରସିଦ୍ଧ ଆମାକୁଣ୍ଡ ବିଲୁପ୍ତ ହେବାର ଆଶଙ୍କା ରହିଛି ବୋଲି ଅଭିଯୋଗ ହେଉଛି।

# ଜିଲାରେ ଅପପୁଷ୍ଟି, ମାତୃ, ଶିଶୁ ମୃତ୍ୟୁ ବୃଦ୍ଧି ପାଉଛି: ଅପରାଜିତା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

**ମାଲକାନଗିରି, ୧୫।୯ (ଦୁର୍ଯ୍ୟୋଧନ ପାତ୍ର)**

ଭୁବନେଶ୍ୱର ଏମ୍ପି ତଥା ରାଜ୍ୟ ଭାଜପା ଉପସଭାପତି ଅପରାଜିତା ଷଡଙ୍ଗୀ ଶୁକ୍ରବାର ଦିନିକିଆ ମାଲକାନଗିରି ଗସ୍ତରେ ଆସି ଏକ ସାଧାରଣ ସଭାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଆଦିବାସୀ ବହୁଳ ମାଲକାନଗିରି ଜିଲାରେ ଦାଦନ ଏକ ମୁଖ୍ୟ ସମସ୍ୟା। ଜିଲାରେ ଅପପୁଷ୍ଟିରେ ଶିଶୁଙ୍କ ମୃତ୍ୟୁ ସହ ଶିଶୁ ଓ ମାତୃ ମୃତ୍ୟୁହାର ବୃଦ୍ଧି ପାଉଛି। ସରକାର ୩ଟି ବ୍ଲକ ଚିତ୍ରକୋଣ୍ଡା, ମାଥିଲି ଓ ଖଇରପୁଟରେ ଜଳସେଚନ ଯୋଗାଇବାରେ ବିଫଳ ହୋଇଛନ୍ତି ବୋଲି ଏମ୍ପି ଷଡଙ୍ଗୀ ଅଭିଯୋଗ କରିଛନ୍ତି। ମଧ୍ୟାହ୍ନ ୧ଟାରେ ମାଲକାନଗିରି ସହରରେ ପ୍ରବେଶ କରିବା ପରେ ତାଙ୍କୁ ଦଳ ପକ୍ଷରୁ ଶତାଧିକ କର୍ମୀ ଓ କର୍ମକର୍ତ୍ତା ଆଦିବାସୀ ପାରମ୍ପରିକ ନୃତ୍ୟ ଗୀତରେ ସ୍ୱାଗତ କରିଥିଲେ। ପରେ

### ୩ ବ୍ଲକରେ ଜଳସେଚନ ବ୍ୟବସ୍ଥା ନ ଥିବା ଅଭିଯୋଗ କଲେ

ସେ ମୁଖ୍ୟରାସ୍ତାରେ ଦୁଇ କିଲୋମିଟର ପଦ ଯାତ୍ରାରେ ଯାଇ ଡିଏନକେ ଖେଳ ପଡିଆ ସଭା ସ୍ଥଳରେ ପହଞ୍ଚିଥିଲେ। ଜିଲା ଭାଜପା ସଭାପତି ତଥା ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଭାଜପା ସମ୍ପାଦକ ମାଣିକଲାଲ ଚକ୍ରବର୍ତ୍ତୀ, ଗୁରୁଚରଣ ମହାନ୍ତି, ଏରା ପଡିଆମି, କୁନାଲ ମିଶ୍ର, ଗୁଟୁ ପାଢୀଙ୍କ ସହ ଜିଲାର ବିଭିନ୍ନ ଅଞ୍ଚଳରୁ ୫ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏମ୍ପି ଷଡଙ୍ଗୀ ଉପରୋକ୍ତ ମତ ଦେଇ ମାଲକାନଗିରି ଜିଲା ପରି ଆଦିବାସୀ ବହୁଳ ଅଞ୍ଚଳ ପାଇଁ କେନ୍ଦ୍ର ସରକାର ବହୁ ଉନ୍ନୟନମୂଳକ ଯୋଜନା କରି କୋଟି କୋଟି ଟଙ୍କା ଦେଉଛନ୍ତି । ରାଜ୍ୟ ସରକାର ଏହି ଯୋଜନାଗୁଡ଼ିକୁ ନିଜସ୍ୱ ଯୋଜନା କହି ସାଧାରଣ ଲୋକଙ୍କୁ ଭୂଆଁ ବୁଲାଉଛନ୍ତି। ସେହିପରି ଚିତ୍ରକୋଣ୍ଡା, ମାଥିଲି ଓ ଖଇରପୁଟ ବ୍ଲକରେ ଚାଷ ପାଇଁ ଜଳସେଚନର ସୁବିଧା ନାହିଁ। ଜିଲାରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଥିବା ସେ ଅଭିଯୋଗ କରିଥିଲେ। ସେ କହିଥିଲେ ଯେ, ପଡୋଶୀ ଆନ୍ଧ୍ର, ତେଲେଙ୍ଗାଣା ଓ ଅନ୍ୟାନ୍ୟ ରାଜ୍ୟକୁ ଜିଲାରୁ ପ୍ରତିବର୍ଷ ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକ କାମ ନ ପାଇ ଦାଦନ ଖଟିବାକୁ ଯାଇ ସେଠାରେ ନିର୍ଯାତିତ ହୋଇ ଫେରୁଛନ୍ତି। ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଶ୍ରମ ନିଯୁକ୍ତି ଯୋଜନାକୁ ଠିକ ଭାବେ ପରିଚାଳନା କରିପାରୁନାହାନ୍ତି ବୋଲି ସେ ଅଭିଯୋଗ କରିଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

**ବାଲିମେଲା, ୧୫।୯ (ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା ଓର୍କେଲ ପୋଲିସ ଜଣେ ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ତେଲେଙ୍ଗାନାର ବାଲାଜୀ ନଗର ଅଞ୍ଚଳର କଟି ସାଇ ବୋଲି ଜଣାପଡିଛି। ଗଞ୍ଜେଇ ଚୋରାଚାଲାଣ ସମ୍ପର୍କରେ ସୂଚନା ପାଇ ଥାନାଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏସଆଇ ଅଜିତ ସିଂ ବରିହା ଏକ ଟିମ ସହ ଧରପଗଡ ଆରମ୍ଭ କରିଥିଲେ। ବାଲିମେଲା-ଜୟପୁର ମୁଖ୍ୟ ରାସ୍ତାର ଚିତ୍ରକୋଣ୍ଡା ଛକ ନିକଟରେ ଜଣେ ବ୍ୟକ୍ତି ବ୍ୟାଗରେ କିଛି ସାମଗ୍ରୀ ଧରି ମଧ୍ୟାହ୍ନ ସମୟରେ ବସକୁ ଅପେକ୍ଷା କରିଥିଲେ। ଏହି ସମୟରେ ସେଠାରେ ପୋଲିସ ପହଞ୍ଚି ସନ୍ଦେହରେ ତାଙ୍କ ବ୍ୟାଗ ଯାଞ୍ଚ କରିଥିଲା। ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ପାଇ ପୋଲିସ ଗଞ୍ଜେଇ ଜବତ କରି କଟିଙ୍କୁ ଓର୍କେଲ ଥାନାକୁ ଆଣିଥିଲା। ଜବତ ଗଞ୍ଜେଇର ବଜାର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ଏହାକୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ସହରକୁ ଅଭିଯୁକ୍ତ ଚାଲାଣ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଥାନା ଏସ୍ଆଇ ବରିହା କହିଛନ୍ତି।

### ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଇଞ୍ଜିନିୟର ଦିବସ

**ଗୁଣପୁର, ୧୫।୯ (ପ୍ରଦୀପ କୁମାର ପାଢ଼ୀ)**

ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଭାରତରତ୍ନ ଏମ୍. ବିଶ୍ୱେଶ୍ୱରାୟଙ୍କ ଜନ୍ମ ଦିବସରେ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏଭିଏନ୍ଏଲ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ନୂତନ ଜ୍ଞାନ କୌଶଳକୁ ଆପଣାଇବା ସହ ନୂତନ ଗବେଷଣା କ୍ଷେତ୍ରରେ ନିଜକୁ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ସ୍କୁଲ ଅଫ ଇଞ୍ଜିନିଅରିଂର ଡିନ୍ ପ୍ରଫେସର ଏ ବି ଶ୍ରୀନିବାସ ରାଓ ଯୋଗଦେଇ ଯୁବ ଇଞ୍ଜିନିୟରଙ୍କୁ ଆଡ଼ଭାନ୍ସ ଟେକ୍ନୋଲୋଜି ବିଷୟରେ କହିବା ସହ ବିଶ୍ୱେଶ୍ୱରାୟଙ୍କ ଦ୍ୱାରା ଭାରତରେ ବିଭିନ୍ନ ବୈଷୟିକ କୌଶଳକୁ ବ୍ୟବହାର କରି ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା ବୋଲି କହିଥିଲେ । ଏହି ଦିବସ ଉପଲକ୍ଷେ ପୂର୍ବରୁ ବିଭିନ୍ନ ବୈଷୟିକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତିଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପକ ମାନସ ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାକୁ ଅଧ୍ୟାପକ ରାକେଶ ସାହୁ ପରିଚାଳନା କରିଥିଲେ । ଏଥିରେ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀ ଛାତ୍ରମାନେ ଉପସ୍ଥିତ ଥିଲେ ।

# ରାଜପଥ ଅବରୋଧ, ୫ ଘଣ୍ଟା ଗାଡ଼ି ଚଳାଚଳ ବନ୍ଦ

**ବିଷମ କଟକ, ୧୫।୯ (ବିଭୂତି ଭୂଷଣ ନାୟକ)**

ବିଷମକଟକ ଥାନା ଅନ୍ତର୍ଗତ ଗୋଟିଗୁଡା ଗ୍ରାମ ନିକଟରେ ଏକ ଟ୍ୟାଙ୍କର ରାସ୍ତା କଡ଼ରେ ଥିବା ଟିକେନ ସେଣ୍ଟର ଉପରେ ଚଢ଼ିଯାଇ ଭାରସାମ୍ୟ ହରାଇ କେନାଲରେ ଓଲଟି ପଡିଛି। ଏହି ଦୁର୍ଘଟଣାରେ ୨ ଜଣ ସ୍ଥାନୀୟ ଲୋକଙ୍କ ସହ ଟ୍ୟାଙ୍କର ଡ୍ରାଇଭର ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଘଟଣାସ୍ଥଳରେ ରାସ୍ତାରୋକ କରିବାରୁ ପ୍ରାୟ ୫ ଘଣ୍ଟା ଧରି ରାୟଗଡାରୁ କଳାହାଣ୍ଡି ଓ କନ୍ଧମାଳ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସନ୍ଧ୍ୟା ୭ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହେବାରୁ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ, ଶୁକ୍ରବାର ଅପରାହ୍ନରେ ରାୟଗଡାରୁ ଏକ ମାଲ ବୋଝେଇ ଟ୍ୟାଙ୍କର ଦ୍ରୁତ ଗତିରେ ଆସୁଥିବାବେଳେ ବିଷମକଟକ ଥାନା ଅନ୍ତର୍ଗତ ଗୋଟିଗୁଡା ଆଶ୍ରମ ବିଦ୍ୟାଳୟ ସମ୍ମୁଖରେ ରାସ୍ତାକଡରେ ଥିବା ଟିକେନ ସେଣ୍ଟର୍ ଉପରେ ଚଢ଼ି କେନାଲକୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଗୁରୁତର ଥିବା ପାତ୍ରଗୁଡା ଗ୍ରାମର ଦଣ୍ଡାସି ବାଘ, ଢେପାଗୁଡାର ଭାସ୍କର ପାତ୍ର ଏବଂ ଡ୍ରାଇଭର ମେହେଫୁର ଖାନଙ୍କୁ ଅଗ୍ନିଶମ

### ଟିକେନ ସେଣ୍ଟର୍ ଉପରେ ଚଢ଼ିଗଲା ଟ୍ୟାଙ୍କର, ୩ ଗୁରୁତର

ବାହିନି ଏବଂ ପୋଲିସ କର୍ମଚାରୀ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଦଣ୍ଡାସି ବାଗ ଗୁରୁତର ଥିବାରୁ ତାଙ୍କୁ ବିଷମକଟକ ଖ୍ରୀଷ୍ଟିୟାନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିଭିନ୍ନ ସମୟରେ ଏହି ରାସ୍ତାରେ ଦୁର୍ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ରାସ୍ତାରୋକ କରିଥିଲେ। ଫଳରେ ରାୟଯଗଡାରୁ ଭବାନୀପାଟଣା ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ଖୁବଶୀଘ୍ର ଏହି ସ୍ଥାନରେ ସ୍ପିଡ ବ୍ରେକର ଲଗାଇବା ପାଇଁ ଦାବି ହେଉଛି। ଘଟଣାସ୍ଥଳରେ ବିଷମକଟକ ଏସଡିପିଓ ସନ୍ତୋଷୀ ଓରାମ, ଏସାଇ ପ୍ରସନ୍ନ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

## ଜିଲାର ସବୁ ବିଦ୍ୟାଳୟରେ ଶିକ୍ଷାଦାନ, ମଧ୍ୟାହ୍ନ ଭୋଜନ ଚାଲିଛି

**ମାଲକାନଗିରି, ୧୫।୯ (ଦୁର୍ଯ୍ୟୋଧନ ପାତ୍ର)**

ମାଲକନଗିରି ଜିଲାର ସବୁ ବିଦ୍ୟାଳୟରେ ଶିକ୍ଷାଦାନ ଓ ମଧ୍ୟାହ୍ନ ଭୋଜନ ଠିକ୍ ରୂପେ ଚାଲିଥିବା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କହିଛନ୍ତି। ସେ ସୂଚନା ଦେଇ କହିଛନ୍ତି ଯେ, ଜିଲା ଶିକ୍ଷାଧିକାରୀ ମାନସ ଜେନାଙ୍କ ରିପୋର୍ଟ ଅନୁଯାୟୀ ଜଲାରେ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ବିଦ୍ୟାଳୟରେ ପାଠପଢା, ମଧ୍ୟାହ୍ନ ଭୋଜନ ଓ ଅନ୍ୟାନ୍ୟ ଶିକ୍ଷାଗତ କାର୍ଯ୍ୟକ୍ରମ ସୁଚାରୁରୂପେ ଚାଲିଛି।

## ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ

**ନାରାୟଣପାଟଣା, ୧୫।୮ (ରାଜକିଶୋର ଜେନା)**

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ପାଟିଙ୍ଗିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ନବମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଚନ୍ଦନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ଲକ୍ ଅଧ୍ୟକ୍ଷ ଗୋଲଦି ତ୍ରିନାଥ ମୁଖ୍ୟଅତିଥି, ବିଡିଓ ଅଶ୍ୱିନ ମହାପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ରଘୁନାଥ ପାଙ୍ଗି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। କଠିନ ପରିଶ୍ରମ କେବେ ଅନ୍ୟଥା ହୋଇ ନ ଥାଏ, ପିଲାମାନେ ହେଉଛନ୍ତି ଈଶ୍ୱରଙ୍କର ଅବତାର ଏବଂ ସେମାନଙ୍କଠାରେ ଅସରନ୍ତି ଅନ୍ତର୍ନିହିତ ପ୍ରତିଭା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁମଧୁର ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ସୁରଥ ସାହୁ ସଭା ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ସୁଭନ୍ତ ଭୋଇ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ପ୍ରଦୀପ୍ତ ମୁଦୁଲି,ସରୋଜ କରାଲଙ୍କ ସମେତ ଅନ୍ୟମାନେ ସହାୟତା କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

**ରାୟଗଡ଼ା, ୧୫।୯ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ବ୍ଲକ ମାଟିକେଣା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ୨ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ମାଟିକେଣା ହାଇସ୍କୁଲର ଶିକ୍ଷକ ବଂଶୀଧର ବେହେରା ଓ ଦେବେନ୍ଦ୍ର ସାହୁକାର ଅବସର ଗ୍ରହଣ କରିଥିବାରୁ ସମ୍ବର୍ଦ୍ଧନା ସଭା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିସିଡ଼ି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନମିତା ପ୍ରଧାନ ମୁଖ୍ୟ ଅତିଥି, ଜିବିଏମ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ନିହାରିକା ବିଡ଼ିକା ଏବଂ କୋଟାପେଟା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ଉପାଧ୍ୟାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅତିଥିମାନଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ସଭାକୁ ପ୍ରଧାନ ଶିକ୍ଷକ ଶଶିଭୂଷଣ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ଚନ୍ଦନ କୁମାର ନାୟକ ସହଯୋଗ କରିଥିଲେ । ୨ ଶିକ୍ଷକ ବଂଶୀଧର ଓ ଦେବେନ୍ଦ୍ରଙ୍କ ଆଦର୍ଶ ଓ ଗୁଣାବଳୀ ଉପରେ ଆଲୋକପାତକରି ତାଙ୍କ ଆଗାମୀ ଜୀବନ ସୁଖମୟ ହେବା ପାଇଁ କାମନା କରିବା ସହ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମିଟ୍ସ କଲେଜରେ ଇଞ୍ଜିନିୟର ଦିବସ




ଆୟୋଜିତ କାର୍ଯ୍ୟକ୍ରମରେ କଲେଜ କର୍ତ୍ତୃପକ୍ଷ ଅଭିଭାଷଣ ଦେଉଛନ୍ତି ।

**ରାୟଗଡ଼ା, ୧୫।୯ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ମିଟ୍ସ ଇଞ୍ଜିନିୟରିଂ କଲେଜଠାରେ ମିଟ୍ସ ଗ୍ରୁପ୍ ପକ୍ଷରୁ ଭାରତରତ୍ନ ଏମ୍. ବିଶ୍ୱେଶ୍ୱରାୟଙ୍କ ଜନ୍ମ ଦିବସରେ ୫୬ତମ ଇଞ୍ଜିନିୟର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ଟେକ୍ନିକାଲ ପୋଷ୍ଟର ଉପସ୍ଥାପନା ଓ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମିଟ୍ସରେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଅଭିନବ ଚିନ୍ତାଧାରା ଉପସ୍ଥାପନା କରିଥିଲେ । ମିଟ୍ସ ଗ୍ରୁପ୍ ଡାଇରେକ୍ଟର ଡ. ସି.ଭି.ଗୋପୀନାଥ, ଡିନ୍ ପ୍ରଫେସର ଶାନ୍ତନୁ ମହାନ୍ତି ଏବଂ ଅଧ୍ୟକ୍ଷ ପ୍ରଫେସର ରାମାନୁଜ ନାୟକ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଡାଇରେକ୍ଟର ଡ. ଗୋପୀନାଥ ନିଜ ଅଭିଭାଷଣରେ ଏହି ମହାନ୍ ଇଞ୍ଜିନିୟରଙ୍କ ପଦାଙ୍କ ଅନୁସରଣ କରିବାକୁ ଛାତ୍ରୀଛାତ୍ରଙ୍କୁ କହିଥିଲେ। ପୋଷ୍ଟର କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ ପାଇଁ ପ୍ରଫେସର ଶାନ୍ତନୁ ମହାନ୍ତି ଛାତ୍ରମାନଙ୍କୁ ପ୍ରଶଂସା କରିଥିଲେ। ପ୍ରଫେସର କ୍ଷୀରୋଦ ସେନାପତି ଇଞ୍ଜିନିୟର ବିଶ୍ୱେଶ୍ୱରାୟଙ୍କ ଜୀବନୀ ଓ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ଏହି ପ୍ରତିଯୋଗିତାରେ ଭାଗନେଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ନଗଦ ରାଶି ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

# ଇପିଏଫ୍ ପେନ୍ସନର୍ସ ଆସୋସିଏଶନ କର୍ମକର୍ତ୍ତାଙ୍କ ଧାରଣା

**ଗୁଣପୁର, ୧୫।୯ (ପ୍ରଦୀପ କୁମାର ପାଢ଼ୀ)**

ଅଲ୍ ଓଡ଼ିଶା ଇପିଏଫ୍ ପେନ୍ସନର୍ସ ଆସୋସିଏଶନର ଡାକରାକ୍ରମେ ରାୟଗଡ଼ା ଜିଲା ଇପିଏଫ୍ ପେନ୍ସନର୍ସ ଆସୋସିଏଶନର ସମସ୍ତ କର୍ମଚାରୀ ଶୁକ୍ରବାର ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରିଣତ ବୟସରେ ସେମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବାବେଳେ ସେମାନଙ୍କ ସମସ୍ୟା ପ୍ରତି ରାଜ୍ୟ ଏବଂ କେନ୍ଦ୍ର ସରକାର ଆଖି ବୁଜି ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଉଥିଲେ ମଧ୍ୟ ସରକାର ସେମାନଙ୍କ ଦାବି ପୂରଣ କରିବା ବଦଳରେ ନିରବତା ଅବଲମ୍ବନ କରିଚାଲିଛନ୍ତି। ତେଣୁ ସେମାନଙ୍କ ଦାବି ପୂରଣ ପାଇଁ ଆନ୍ଦୋଳନକୁ ଜୋର୍‌ଦାର କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଯଦି ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଭୋଟ ବର୍ଜନ କରିବାକୁ ପଛେଇବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସର୍ବନିମ୍ନ ମାସିକ ପେନ୍ସନ ୯୦୦୦ଟଙ୍କାକୁ ବୃଦ୍ଧି,ପେନ୍ସନ ସହ ମହଙ୍ଗା ଭତ୍ତା ପ୍ରଦାନ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନ୍ସନ ପ୍ରଦାନ କରିବା ଏବଂ ସମସ୍ତ ଇପିଏଫ ପେନ୍ସନ ଭୋଗୀ ବରିଷ୍ଠ ନାଗରିକମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଛି। ଜିଲା ସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକ, ଉପ ସଭାପତି ସୁବାସ ଚନ୍ଦ୍ର ରଥ, ସାଧାରଣ ସମ୍ପାଦକ ଜଗଦୀଶ ଚନ୍ଦ୍ର ତୁଳ, ଯୁଗ୍ମ ସମ୍ପାଦକ ଫକୀର ମୋହନ ନାୟକ, କୋଷାଧ୍ୟକ୍ଷ ବିଜୟ କୁମାର ମହାନ୍ତି ଏବଂ ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ଅନନ୍ତ ଚରଣ ପଣ୍ଡାଙ୍କ ନେତୃତ୍ୱରେ ଜିଲାର ସମସ୍ତ ଇପିଏଫ୍ କର୍ମଚାରୀ ଆନ୍ଦୋଳନରେ ସାମିଲହୋଇଥିଲେ।




ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଇପିଏଫ୍ ପେନ୍ସନର୍ସ ।

# ନୂତନ ବସ୍‌ଷ୍ଟାଣ୍ଡ ନାମକରଣକୁ ନେଇ ବିବାଦ

**ମୁନିଗୁଡ଼ା, ୧୫।୯ (ରାଧେଶ୍ୟାମ ଅଗ୍ରୱାଲ)**

ମୁନିଗୁଡ଼ାରେ ନିର୍ମାଣାଧୀନ ନୂତନ ବସ୍‌ଷ୍ଟାଣ୍ଡର ନାମକରଣକୁ ନେଇ ବିବାଦ ଜୋର ଧରିଛି। ମୁନିଗୁଡ଼ା ବସ୍‌ଷ୍ଟାଣ୍ଡର ନାମ ପୂର୍ବରୁ ଶହୀଦ ଲକ୍ଷ୍ମଣ ନାୟକ ନାମରେ ନାମିତ ଥିବାବେଳେ ରାଜ୍ୟ ସରକାର ଉକ୍ତ ବସ୍‌ଷ୍ଟାଣ୍ଡକୁ ଭାଙ୍ଗି ସେହି ସ୍ଥାନରେ ଓଏସ୍ଆର୍‌ଟିସି ତରଫରୁ ଏକ ଉନ୍ନତ ଓ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଛି। ଏହାର ନାମ ଓଏସ୍ଆର୍‌ଟିସି ବସ୍‌ଷ୍ଟାଣ୍ଡ ନାମରେ ଉଲ୍ଲେଖ କରାଯାଇଥିବାରୁ ଏହାକୁ ଦୃଢ଼ ବିରୋଧ କରାଯାଇଛି। ଏ ନେଇ ଶୁକ୍ରବାର ଶହୀଦ ଲକ୍ଷ୍ମଣ ନାୟକ କ୍ଲବ ସଭାପତି ପଦ୍ମନାଭ ବେହେରାଙ୍କ ନେତୃତ୍ୱରେ ଶତାଧିକ ଲୋକ ମୁନିଗୁଡ଼ା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ପ୍ରିତମ କୁମାର ତନ୍ତିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଲୋକଙ୍କ ସୁବିଧାକୁ ଆଖିଆଗରେ ରଖି



ଶହୀଦ ଲକ୍ଷ୍ମଣ ନାୟକ କ୍ଲବ କର୍ମକର୍ତ୍ତା ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

୧୯୯୯ରେ ତତ୍କାଳୀନ ପଞ୍ଚାୟତିରାଜ ମନ୍ତ୍ରୀ ସ୍ୱର୍ଗତ ହବିବୁଲା ଖାଁ ଓ ତତ୍କାଳୀନ ବିଧାୟକ ଡମ୍ବରୁଧର ଉଲ୍ଲାକାଙ୍କ ଦ୍ୱାରା ଏଠାରେ ଶହୀଦ ଲକ୍ଷଣ ନାୟକଙ୍କ ନାମରେ ଏକ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ହୋଇଥିଲା। ହେଲେ ଏବେ ରାଜ୍ୟ ସରକାରଙ୍କ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ କ୍ରମରେ ମୁନିଗୁଡ଼ାଠାରେ ଥିବା ଏହି ଶହୀଦ ଲକ୍ଷ୍ମଣ ନାୟକ ବସ୍‌ଷ୍ଟାଣ୍ଡକୁ ଭାଙ୍ଗି ସେହି ସ୍ଥାନରେ ଓଏସ୍ଆର୍‌ଟିସି ତରଫରୁ ଏକ ଉନ୍ନତ ଓ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଛି। ନିକଟରେ ଏହାର ଶୁଭ ଉଦ୍‌ଘାଟନ ହେବାର ରହିଛି। ହେଲେ ଏହି ମାଟିର ଭୂମିପୁତ୍ର ଶହୀଦ ଲକ୍ଷଣ ନାୟକଙ୍କ ନାମକୁ ଅଣଦେଖା କରି ବସ୍‌ଷ୍ଟାଣ୍ଡ ନାମ ଓଏସ୍ଆର୍‌ଟିସି ରଖିବା ଦୁର୍ଭାଗ୍ୟଜନକ ବୋଲି କ୍ଲବ ସଭାପତି ବେହେରା କହିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ବସ୍‌ଷ୍ଟାଣ୍ଡ ଭଙ୍ଗାଯିବା ସମୟରେ ବହୁ ବ୍ୟବସାୟୀ ଜୀବିକା ହରାଇଥିଲେ। ନୂଆ ବସ୍‌ଷ୍ଟାଣ୍ଡରେ ସେମାନଙ୍କୁ ଥଇଥାନ କରାଯିବ ବୋଲି ସେତେବେଳେ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା । ହେଲେ ଏବେ ସେମାନଙ୍କୁ ଅଣଦେଖା କରି ଅନ୍ୟମାନଙ୍କୁ ଦେବାର ଚକ୍ରାନ୍ତ ଚାଲୁଥିବା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଯଦି ଆଗାମୀ ଦିନରେ ଶହୀଦଙ୍କ ନାମରେ ବସ୍‌ଷ୍ଟାଣ୍ଡ ନାମିତ ନ କରାଯାଏ ଆଉ ବ୍ୟବସାୟୀମାନଙ୍କୁ ଥଇଥାନ କରା ନ ଯାଏ ତେବେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ମୁନିଗୁଡ଼ା ପଞ୍ଚାୟତର ସରପଞ୍ଚ ସରସ୍ୱତୀ ଶବରଙ୍କ ସମେତ ଶହୀଦ ଲକ୍ଷ୍ମଣ ନାୟକ କ୍ଲବର ସଭାପତି ପଦ୍ମନାଭ ବେହେରା, ନୀଳାମ୍ବର ବିଭାର, ମାଧବ ବଲ୍ଲଭାଇ, କାର୍ଯ୍ୟକାରୀ ସଭ୍ୟ ସୋମନାଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

